ତୁମର କର୍ତ୍ତବ୍ୟ ହେଲା– ତୁମେ ସର୍ବଦା ସଚେତନ ରହିବ ଯେ, ତୁମର ସଚେତନ ଅନ୍ତରାତ୍ମା ହିଁ ତୁମକୁ ଶାସନ କରିବା ଉଚିତ। ତୁମର ନିମ୍ନପ୍ରକୃତିରୁ ଉଦ୍ଭୁତ କୌଣସି କୁତ୍ସିତ ପ୍ରବେଗ ହାତରେ ତୁମେ କ୍ରୀଡା ପୁତ୍ତଳିକା ହେବା ଉଚିତ ନୁହେଁ। –ଶ୍ରୀମା



# ବିଷ ବଳୟରେ ବିଶ୍ୱ




ସିଙ୍କେ ବୋଲମୋର
ପ୍ରତିଷ୍ଠାତା, ଇକୋ ଟ୍ରାକ୍ କନ୍‌ସଲ୍‌ଟିଂ

ଲୈଲା ଲିବେଟ୍ରାଉ
ପ୍ରତିଷ୍ଠାତା, ଥାର୍ଡ ସେକ୍ଟର

ବିଶ୍ୱରେ କୃଷିକ୍ଷେତ୍ରରେ କୀଟନାଶକ ବ୍ୟବହାର ବ୍ୟାପକ ହୋଇଛି। ଫସଲରୁ କୀଟ ନାଶ ହେଉଛି ସତ, କିନ୍ତୁ ଏହାର ଅବଶେଷ ସୂକ୍ଷ୍ମ କଣିକା ବାୟୁ, ଖାଦ୍ୟ ଏବଂ ପାନୀୟ ଜଳରେ ଦେଖିବାକୁ ମିଳୁଛି । ଏହା ଆମ ଶରୀର ମଧ୍ୟକୁ ପ୍ରବେଶ କରି ସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟି କରିବା ସହ ମୃତ୍ୟୁର କାରଣ ପାଲଟୁଥିବା ପ୍ରମାଣିତ ହୋଇଛି। ତଥ୍ୟରୁ ଜଣାପଡ଼ିଛି ଯେ, ତୃଣନାଶକ, ପୋକନାଶକ ଏବଂ ଫିମ୍ପି ବା ରୋଗନାଶକ ବ୍ୟବହାର ଯୋଗୁ ବିଶ୍ୱରେ ପ୍ରତିବର୍ଷ ପ୍ରାୟ ୨୦,୦୦୦ ଲୋକଙ୍କ ମୃତ୍ୟୁ ଘଟିବା ସହ ୩୮ କୋଟି ୫୦ ଲକ୍ଷ ଲୋକ ପଏଜନିଂ ସମସ୍ୟାର ଶିକାର ହେଉଛନ୍ତି। କୀଟନାଶକ ପ୍ରଭାବ ଦଶନ୍ଧି ଦଶନ୍ଧି ଧରି ରହି ମାଟିର ଉର୍ବରତା କମାଉଛି ଓ ତୃଣନାଶକ ପ୍ରତିରୋଧୀ ଘାସ ଉଦ୍ଭବ ହୋଇ ଜୈବବିବିଧତା ପ୍ରତି ବିପଦ ସୃଷ୍ଟି କରୁଛି। କୀଟନାଶକର ଉକ୍ତ ନକାରାତ୍ମକ ପ୍ରଭାବ ସତ୍ତ୍ୱେ ଶିଳ୍ପଭିତ୍ତିକ କୃଷି ଏବେ ମଧ୍ୟ ଏହାର ବ୍ୟବହାର ଉପରେ ନିର୍ଭରଶୀଳ। ୨୦୧୭ରେ ବର୍ଷକରେ ବିଶ୍ୱସ୍ତରରେ କୀଟନାଶକ ପ୍ରୟୋଗ ୪ ମିଲିୟନ ଟନ୍‌କୁ ବୃଦ୍ଧିପାଇଥିଲା ଓ ୧୯୯୦ ତୁଳନାରେ ଏହି ବୃଦ୍ଧି ହାର ପାଖାପାଖି ୮୧%। କୀଟନାଶକ ଉତ୍ପାଦକମାନେ ବହୁ ସମୟରେ ଦାବି କରନ୍ତି ଯେ, ବୈଶ୍ୱିକ କ୍ଷୁଧା ଦୂର କରିବାରେ ସେମାନଙ୍କ ଉତ୍ପାଦର ଗୁରୁତ୍ୱ ରହିଛି। କିନ୍ତୁ ଏବେସୁଦ୍ଧା ବିଶ୍ୱ ଜନସଂଖ୍ୟାର ୧୦% ଅର୍ଥାତ୍ ପ୍ରାୟ ୮୨ କୋଟି ୮୦ ଲକ୍ଷ ଲୋକ ପ୍ରତିଦିନ ରାତିରେ ଭୋକରେ ଶୋଉଛନ୍ତି। ଅତ୍ୟଧିକ କୀଟନାଶକ ପ୍ରୟୋଗକୁ ନେଇ ସେମାନଙ୍କ ଦାବିର ଯଥାର୍ଥତା ପ୍ରତିପାଦିତ ହୋଇପାରିନାହିଁ।

କୋଭିଡ୍‌-୧୯ ମହାମାରୀ, ରୁଷିଆର ୟୁକ୍ରେନ୍ ଆକ୍ରମଣ ଯୋଗୁ ଉଭା ହୋଇଛି ବିଶ୍ୱ ଖାଦ୍ୟ ସଙ୍କଟ। ଏହା ସ୍ପଷ୍ଟ କରିଛି ଯେ, ଆଶଙ୍କାରେ ଥିବା ଖାଦ୍ୟ ବ୍ୟବସ୍ଥାଗୁଡ଼ିକର ଜରୁରୀ ପରିବର୍ତ୍ତନର ଆବଶ୍ୟକ। କୃଷିରେ ଟ୍ରାକ୍ଟର, ଅନ୍ୟ କୃଷି ସରଞ୍ଜାମ, କୃତ୍ରିମ ସାର ଓ କୀଟନାଶକ ବ୍ୟବହାର ବିଶ୍ୱରେ ପାରମ୍ପରିକ କୃଷିକୁ ବ୍ୟୟବହୁଳ କରିଛି। ଅତୀତରେ ନିମ୍ନ ଓ ମଧ୍ୟମ ଆୟ ବର୍ଗର ଦେଶଗୁଡ଼ିକ ଏହା ଉପରେ ସବ୍‌ସିଡି ପ୍ରଦାନ କରିଥିଲେ। କିନ୍ତୁ ମୁଦ୍ରାସ୍ଫୀତି ବୃଦ୍ଧି ସବ୍‌ସିଡିଗୁଡ଼ିକୁ ଅଧିକ ମହଙ୍ଗା କରିଦେଇଛି ଓ ଖାଦ୍ୟ ସାମଗ୍ରୀର ମୂଲ୍ୟରେ ଶୀଘ୍ର ବୃଦ୍ଧି ଘଟାଇଛି। ଏଣୁ ପରିବେଶ ସହନୀୟ ଖାଦ୍ୟ ଉତ୍ପାଦନ ପାଇଁ ବିଷାକ୍ତ କୀଟନାଶକ ବ୍ୟବହାର କମ୍ କରିବା ଏକ ଗୁରୁତ୍ୱପୂର୍ଣ୍ଣ ଏବଂ ପ୍ରଥମ ପଦକ୍ଷେପ। ୟୁରୋପୀୟ ସଂଘ( ଇୟୁ) ତା'ର ନୂତନ ସବୁଜ ଚୁକ୍ତିର ଅଂଶ ଭାବେ 'ଫାର୍ମ ଟୁ ଫ୍ରକ୍ ଷ୍ଟ୍ରାଟେଜି' ଗ୍ରହଣ କରିଛି। ଏହାଦ୍ୱାରା ୨୦୩୦ ସୁଦ୍ଧା କୀଟନାଶକ ବ୍ୟବହାର ଓ ତତ୍‌ଜନିତ ବିପଦ ୫୦% ହ୍ରାସ କରିବାକୁ ଲକ୍ଷ୍ୟ ରଖିଛି। କିଛି ବର୍ଷ ତଳେ ଇୟୁ ଦୀର୍ଘସ୍ଥାୟୀ ସ୍ୱାସ୍ଥ୍ୟ ସମସ୍ୟା ଏବଂ ଜୈବବିବିଧତାକୁ ନଷ୍ଟ କରୁଥିବା ବହୁ ବିପଜ୍ଜନକ କୀଟନାଶକକୁ ବନ୍ଦ କରିଥିଲା।



ଏହିସବୁ ଘାତକ କୀଟନାଶକର ପରିବେଶ ଏବଂ ସାର୍ବଜନୀନ ସ୍ୱାସ୍ଥ୍ୟ ଉପରେ କି ବିପଦ ରହିଛି ସେ ସମ୍ପର୍କରେ ହିନ୍‌ରିଚ ବୋଲ୍ ଫାଉଣ୍ଡେଶନ ଦ୍ୱାରା ପ୍ରସ୍ତୁତ ପେଷ୍ଟିସାଇଡ୍ ଆଟ୍‌ଲାସ ପ୍ରକାଶ କରିଛି। ବିଶେଷକରି, ସୋୟାବିନ୍, ମକା, ଆଖୁ ଏବଂ ଅଙ୍ଗୁର ଚାଷରେ ଗ୍ଲାଇଫସ୍‌ଫେଟ, ଇମିଡାକ୍ଲୋପ୍ରିଡ ଏବଂ କାର୍ବେଣ୍ଡାଜିମ ଭଳି ବିଷାକ୍ତ ତୃଣନାଶକ ଓ ପୋକନାଶକର ବ୍ୟାପକ ପ୍ରୟୋଗ ହେଉଥିବା କହିଛି। ଏହିସବୁ ବିପଜ୍ଜନକ କୀଟନାଶକ ମଧ୍ୟରୁ ଅନେକର ବ୍ୟବହାରକୁ ୟୁରୋପରେ ବନ୍ଦ କରାଯାଇଛି। କିନ୍ତୁ ବିଶ୍ୱର ପାଞ୍ଚଟି ବୃହତ୍ କୀଟନାଶକ ଉତ୍ପାଦକମାନଙ୍କର ବିକ୍ରି ହେଉଥିବା କୀଟନାଶକଗୁଡ଼ିକରେ ଏଗୁଡ଼ିକର ଭାଗ ଏକ ତୃତୀୟାଂଶରୁ ଅଧିକ। ଏପରିକି ବିଏଏସ୍‌ଏଫ୍, ବେୟର ଏବଂ ସିଙ୍ଗେଣ୍ଟା ଭଳି ୟୁରୋପୀୟ କମ୍ପାନୀଗୁଡ଼ିକ ନିମ୍ନ ଓ ମଧ୍ୟମ ଆୟ ବର୍ଗର ଦେଶଗୁଡ଼ିକୁ ବିକ୍ରି କରିଆସୁଛନ୍ତି।

ବହୁ ପୂର୍ବରୁ ଜାତିସଂଘ ଅତ୍ୟଧିକ ବିପଜ୍ଜନକ କୀଟନାଶକ ବ୍ୟବହାରକୁ ଏକ ବୈଶ୍ୱିକ ମାନବ ଅଧିକାର ସମସ୍ୟା ବୋଲି କହିଛି। ଜାତିସଂଘ ବିଶେଷଜ୍ଞଙ୍କ ଅନୁଯାୟୀ, ଏହି ବିଷାକ୍ତ ଦ୍ରବ୍ୟ ବିଶେଷକରି ବିକାଶଶୀଳ ଦେଶଗୁଡ଼ିକରେ ଲୋକଙ୍କର ଖାଦ୍ୟ ଓ ସ୍ୱାସ୍ଥ୍ୟ ଅଧିକାର ଏବଂ ଏକ ସ୍ୱଚ୍ଛ ପରିବେଶ ପ୍ରତି ବିପଦ। ପୁରୁଷଙ୍କ ତୁଳନାରେ ମହିଳାମାନେ ଅଧିକ ବିଷାକ୍ତ କୀଟନାଶକଜନିତ ଅସୁସ୍ଥତାର ଶିକାର ହେଉଛନ୍ତି। ଦୁର୍ବଳ ପରିବେଶ ଓ ସୁରକ୍ଷାଗତ ନିୟମ ଥିବା ବିକାଶଶୀଳ ଦେଶଗୁଡ଼ିକରେ ବିପଜ୍ଜନକ କୀଟନାଶକ ମୁଖ୍ୟତଃ କୃଷକମାନଙ୍କର ଅଧିକ କ୍ଷତିକରୁଛି। କାରଣ କ୍ଷୁଦ୍ର ନାମମାତ୍ର ଚାଷୀମାନେ କେମିକାଲ କୀଟନାଶକର ବିପଦ ସମ୍ପର୍କରେ ସଚେତନ ନୁହନ୍ତି। ଏଣୁ କୀଟନାଶକ ବ୍ୟବହାରଜନିତ ବିପଦ କିଭଳି ହ୍ରାସ କରିବାକୁ ହେବ ସେ ସମ୍ପର୍କରେ ସୂଚନା ଯୋଗାଇଦେବା ଜରୁରୀ। ଏହାସହ ସୁରକ୍ଷାର ବିକଳ୍ପ ଗ୍ରହଣ କରିବାରେ କୃଷକମାନଙ୍କୁ ସକ୍ଷମ କରାଯିବା ଦରକାର। କିନ୍ତୁ ସଚେତନତା ଅଭିଯାନ ବିପଜ୍ଜନକ କୀଟନାଶକର ପ୍ରଭାବ ଦୂର କରିବାରେ ସମ୍ଭାବନା କମ୍। ଉଦାହରଣ ସ୍ୱରୂପ, କେନିଆରେ ଅତ୍ୟଧିକ ବିପଜ୍ଜନକ ଭାବେ ବର୍ଗୀକୃତ ସକ୍ରିୟ ଉପାଦାନ ବିଶିଷ୍ଟ କୀଟନାଶକର ୭୬% ବ୍ୟବହାର ହେଉଛି ଏବଂ ୟୁରୋପରେ ଏହାକୁ ବନ୍ଦ କରାଯାଇଥିବାବେଳେ ଏହାର ପ୍ରାୟ ଅଧା ପ୍ରୟୋଗ କରାଯାଉଛି। ଅଧିକାଂଶ କୃଷକମାନଙ୍କର ଜମି ଦୁଇଏକରରୁ କମ୍ ଏବଂ ପାଖାପାଖି ଲାଗି ରହିଥିବାରୁ ସୁରକ୍ଷା ପଦ୍ଧତି କାର୍ଯ୍ୟକାରୀ କରିବା ଅସମ୍ଭବ ହୋଇଥାଏ। ସେହିଭଳି ବ୍ୟକ୍ତିଗତ ସୁରକ୍ଷା ଉପକରଣ ଦାମ ବହୁତ ବେଶି ଓ ବହୁ ସମୟରେ ଏହା ମିଳେ ନାହିଁ କିମ୍ବା ଉଷ୍ମ ପରିବେଶ ପାଇଁ ଉପଯୋଗୀ ହୋଇ ନ ଥାଏ।

କୀଟନାଶକକୁ ନେଇ ରହିଥିବା ଡବଲ ଷ୍ଟାଣ୍ଡାର୍ଡ ବା ବିଭିନ୍ନ ଦେଶରେ ଭୁଲ୍ ବାଟରେ ପ୍ରଚଳିତ ନିୟମକୁ ଦୂର କରିବା ଲାଗି ବହୁଦିନ ହେଲା ସିଭିଲ ସୋସାଇଟି ସଂଗଠନଗୁଡ଼ିକ ଦାବି କରିଆସୁଛନ୍ତି। ସୌଭାଗ୍ୟବଶତଃ,ୟୁରୋପୀୟ ନିୟାମକମାନେ ଏହାକୁ ବନ୍ଦ କରିବା ଲାଗି ଦୃଢ଼ ପଦକ୍ଷେପ ନେଇଛନ୍ତି। ଦୁଇବର୍ଷ ପୂର୍ବେ ସୁଇଜରଲାଣ୍ଡ ୫ଟି ଅତ୍ୟଧିକ ବିଷାକ୍ତ କୀଟନାଶକର ରପ୍ତାନି ଉପରେ ପ୍ରତିବନ୍ଧକ ଲଗାଇଥିଲା। ଫ୍ରାନ୍ସରେ ଏସବୁର ଉତ୍ପାଦନ ,ଗଚ୍ଛିତ ଏବଂ ଇୟୁ ଦ୍ୱାରା ପ୍ରତିବନ୍ଧିତ କୀଟନାଶକଗୁଡ଼ିକର ରପ୍ତାନି ବନ୍ଦକରିବା ଲାଗି ଏକ ନିୟମ ଜାନୁୟାରୀରେ ଲାଗୁ କରାଯାଇଥିଲା। ନିକଟରେ ଜର୍ମାନୀ ମଧ୍ୟ ବିପଜ୍ଜନକ କୀଟନାଶକଗୁଡ଼ିକର ରପ୍ତାନି ବନ୍ଦ କରିବା ଲାଗି ଆଇନ ପାସ୍ କରିବା ଲାଗି ତା'ର ପ୍ରତିବଦ୍ଧତାକୁ ପୁନର୍ବାର ସୁନିଶ୍ଚିତ କରିଛି। ଆମଦାନିକାରୀ ଦେଶସବୁ ମଧ୍ୟ ଉଚିତ୍ ପଦକ୍ଷେପ ଗ୍ରହଣ କରିଛନ୍ତି। ଟ୍ୟୁନିସିଆ, ମେକ୍ସିକୋ ଏବଂ ପାଲେଷ୍ଟାଇନ ସରକାର ରପ୍ତାନିକାରୀ କିମ୍ବା ଉତ୍ପାଦନକାରୀ ଦେଶରେ ନିଷେଧ କରାଯାଇଥିବା କୀଟନାଶକ ଆମଦାନୀ ବନ୍ଦ କରିଛନ୍ତି। ତେବେ ସେପ୍ଟେମ୍ବରରେ ଦକ୍ଷିଣ ଆଫ୍ରିକା ପର୍ଯ୍ୟାୟକ୍ରମରେ ୨୦୧୪ ସୁଦ୍ଧା ଅତ୍ୟଧିକ ବିପଜ୍ଜନକ କୀଟନାଶକ ହଟାଇ ଦେବା ଲାଗି ଘୋଷଣା କରିଛି।

କୀଟନାଶକ ବ୍ୟବହାର ହ୍ରାସ କରିବା ପାଇଁ ଏଭଳି ସବୁ କଟକଣା ମହତ୍ତ୍ୱପୂର୍ଣ୍ଣ ହୋଇଥିବାବେଳେ ବିଭିନ୍ନ ଦେଶର ସରକାର ମଧ୍ୟ ସୁରକ୍ଷିତ ବିକଳ୍ପଗୁଡ଼ିକୁ ପ୍ରୋତ୍ସାହିତ କରିବା ଉଚିତ। ଆଗ୍ରୋଇକୋଲୋଜି ଅର୍ଥାତ୍ କୃଷି ଉତ୍ପାଦନ ପ୍ରଣାଳୀ ସହ ସମ୍ବନ୍ଧିତ ପରିବେଶୀୟ ବ୍ୟବସ୍ଥାର ଅଧ୍ୟୟନ କେବଳ ଜୀବଜଗତର କ୍ଷତି କରୁଥିବା କୀଟନାଶକର ବିଷ ବଳୟକୁ ଦୂର କରିବ ନାହିଁ ବରଂ ବ୍ୟାପକ ଭାବେ ଏହା କୃଷିକୁ ବହୁମୁଖୀ କରିବ। ଏହା ମଧ୍ୟ କୃଷିର ପ୍ରକୃତି ଆଧାରିତ କାର୍ଯ୍ୟକଳାପଗୁଡ଼ିକୁ ବୃଦ୍ଧି କରିବା ଏବଂ ଏହାର ସାମର୍ଥ୍ୟକୁ ଦୃଢ କରିବା ସହ ଖାଦ୍ୟ ଉତ୍ପାଦନକାରୀମାନଙ୍କୁ ଆର୍ଥିକ ଓ ରାଜନୈତିକ ଦୃଷ୍ଟିକୋଣରୁ ସଶକ୍ତ କରିପାରିବ। ବିଶ୍ୱରେ ଦେଖାଦେଇଥିବା କ୍ଷୁଧା ସମସ୍ୟା ଆମ ଖାଦ୍ୟ ଯୋଗାଣର ଦୁର୍ବଳତାକୁ ସାମ୍ନାକୁ ଆଣିଛି। ଏହା ବ୍ୟତୀତ ନିରପେକ୍ଷ ଓ ପ୍ରକୃତି ଆଧାରିତ ଖାଦ୍ୟ ବ୍ୟବସ୍ଥାର ଜରୁରୀ ଆବଶ୍ୟକତା ରହିଥିବା ପ୍ରକାଶ କରିଛି।

# ବିପଦରେ ବନ୍ୟଜନ୍ତୁ



ବିକାଶ ଚନ୍ଦ୍ର ବେହେରା

ସାରା ବିଶ୍ୱରେ ଏବେ ବିଭିନ୍ନ କଥାକୁ ନେଇ ଚର୍ଚ୍ଚା ଜୋର ଧରିଛି। କିନ୍ତୁ ସବୁଠାରୁ ଚୁପକିନା ଆମ ଆଖି ଆଢୁଆଳରେ ଯାହା ଘଟୁଛି କିନ୍ତୁ ଆମର ସେଥିପ୍ରତି ନିଘା ନାହିଁ। ତାହା ହେଉଛି ନିରୀହ ବନ୍ୟଜନ୍ତୁଙ୍କ ସଂଖ୍ୟା କମିଯିବା। ଏ କଥାଟା ଆମେ କହିଲେ ବା ଲେଖିଦେଲେ ଯେତିକି ସହଜ ତାହା ପ୍ରକୃତରେ ସେତିକି ସହଜ ନୁହେଁ। କାହିଁକି ନା ପ୍ରଖ୍ୟାତ ଦାର୍ଶନିକ ସକ୍ରେଟିସ କହିଥିଲେ, 'ଯେଉଁ ଦିନ ପୃଥିବୀ ପୃଷ୍ଠରୁ ମହୁମାଛି ସମ୍ପୂର୍ଣ୍ଣ ଲୋପ ପାଇଯିବେ ସେହି ଦିନଠାରୁ ଅଳ୍ପ କିଛିକାଳ ଭିତରେ ପୃଥିବୀରେ ପ୍ରଳୟ ଆସିଯିବ।' ହଁ, ଆଜ୍ଞା ଏକଥା ସତ ଯେ ଆମ ପୃଥିବୀର ସମସ୍ତ ବ୍ୟବସ୍ଥା ସର୍ବଦା ପରସ୍ପର ଉପରେ ନିର୍ଭରଶୀଳ। ପରିବେଶୀୟ ପରିସଂସ୍ଥାନ ତଥା ପରିବେଶ ଅନ୍ତର୍ଗତ ଜୀବଜନ୍ତୁ ସମସ୍ତେ ପରସ୍ପର ନିର୍ଭରଶୀଳ। ପ୍ରତ୍ୟେକ ଜୀବଜନ୍ତୁଙ୍କର କିଛି ନା କିଛି ଅବଦାନ ରହିଛି ଏହି ପରିବେଶ ଉପରେ। ଆପଣ ଜାଣିଛନ୍ତି କି ମାଛି କେବଳ ରୋଗଜୀବାଣୁ ସୃଷ୍ଟି କରେ ନାହିଁ, ସେ କଫି ଗଛ ଫୁଲର ପରାଗ ସଙ୍ଗମରେ ସହାୟତା କରିଥାଏ।

ଏବେ କୀଟଠାରୁ ପତଙ୍ଗ, ପଶୁପକ୍ଷୀ ସମସ୍ତେ ବିପଦରେ। ମଣିଷ ନିଜର ଆତ୍ମଚରିତାର୍ଥ ନିମନ୍ତେ ଯେଉଁ କାର୍ଯ୍ୟ କରୁଛି ତାହା ବନ୍ୟଜନ୍ତୁଙ୍କ ଜୀବନ ଉପରେ ବିପଦ ନେଇ ଆସୁଛି। ସେଥିମଧ୍ୟରୁ ଜଙ୍ଗଲ କ୍ଷୟ ଅନ୍ୟତମ। ମାନବଙ୍କ ଆଧୁନିକ ଜୀବନଶୈଳୀ, ଅନିୟନ୍ତ୍ରିତ ଜନସଂଖ୍ୟା ବୃଦ୍ଧି, ଜଳବାୟୁ ପରିବର୍ତ୍ତନ, ପ୍ରଦୂଷଣ ଏବଂ ଶିଳ୍ପାୟନ ଦିନକୁ ଦିନ ବନ୍ୟଜନ୍ତୁଙ୍କ ପାଇଁ ବିପଦ ନେଇଆସୁଛି। ଯାହା ଫଳରେ ଜୀବଜନ୍ତୁଙ୍କ ବାସୋପଯୋଗୀ ଘଞ୍ଚ ଜଙ୍ଗଲ କ୍ଷୟ ହେଉଛି। ଖାଦ୍ୟ ତଥା ପାନୀୟ ଅଭାବ ମଧ୍ୟ ବନ୍ୟଜନ୍ତୁଙ୍କ ପାଇଁ ବିପଦ ସୃଷ୍ଟିକାରୀ କାରକ। ଏସବୁ ହିଁ ବନ୍ୟଜନ୍ତୁଙ୍କ ସଂଖ୍ୟା କମିଯିବା ପଛର ବଡ଼ କାରଣ। ସବୁଠାରୁ ବଡ଼ କାରଣ ହେଲା ବନ୍ୟଜନ୍ତୁ ଶିକାର। ନିଜର ଅତ୍ୟାଧୁନିକ ଜୀବନଶୈଳୀର ଉନ୍ନତି ପାଇଁ ମଣିଷ ଯେଉଁଭଳି ଉପାୟ ଆପଣେଇ ବନ୍ୟଜନ୍ତୁଙ୍କ ଶିକାର କରୁଛି, ଦିନ ଆସିବ ଏ ପୃଥିବୀ ବନ୍ୟଜନ୍ତୁ ଶୂନ୍ୟ ହୋଇଯିବ। ୱାର୍ଲ୍ଡ ୱାଇଲ୍ଡ ଲାଇଫ ଫଣ୍ଡ ସଂସ୍ଥା ପକ୍ଷରୁ ସଦ୍ୟ ପ୍ରକାଶିତ ଲିଭିଙ୍ଗ ପ୍ଲାନେଟ ରିପୋର୍ଟ ନାମକ ଏକ ତଥ୍ୟ ଅନୁଯାୟୀ ଗତ ୪୮ ବର୍ଷ ଭିତରେ ବନ୍ୟଜନ୍ତୁଙ୍କ ସଂଖ୍ୟା ୬୯ ପ୍ରତିଶତ ହ୍ରାସ ପାଇଲାଣି। ପ୍ରାୟ ୫୨୩୦ ପ୍ରଜାତିର ପ୍ରାୟ ୩୨୦୦୦ ବନ୍ୟଜନ୍ତୁଙ୍କୁ ନେଇ ହୋଇଥିବା ଏହି ସର୍ଭେ, ଲିଭିଙ୍ଗ ପ୍ଲାନେଟ ଇଣ୍ଡେକ୍ସ ରିପୋର୍ଟରେ ଦର୍ଶାଇଛି ଯେ ଏହା ଉଷ୍ମ ମଣ୍ଡଳୀୟ ଅଞ୍ଚଳରେ ବସବାସ କରୁଥିବା ମେରୁଦଣ୍ଡୀ ବନ୍ୟଜନ୍ତୁ ସଂଖ୍ୟା ବିପୁଳ ହାରରେ ହ୍ରାସ ପାଉଛି। ଆଫ୍ରିକା ଏବଂ ପ୍ରଶାନ୍ତ ମହାସାଗରୀୟ ଅଞ୍ଚଳରେ ୬୬ ପ୍ରତିଶତ, ସେହି ମଧୁରଜଳ ଅଞ୍ଚଳରେ ବାସକରୁଥିବା ବନ୍ୟଜନ୍ତୁଙ୍କ ସଂଖ୍ୟା ୮୩ ପ୍ରତିଶତ କମିଛି। ତେବେ ଏହି ରିପୋର୍ଟ ଅନୁଯାୟୀ ବନ୍ୟଜନ୍ତୁଙ୍କ ସଂଖ୍ୟା ହ୍ରାସ ପାଇବାର ମୁଖ୍ୟ କାରଣଗୁଡ଼ିକ ହେଉଛି ବାସସ୍ଥଳୀ ନଷ୍ଟ ହେବା, ଶିକାର, କ୍ଷତିକାରକ ପ୍ରଜାତି, ଖାଦ୍ୟାଭାବ, ପ୍ରଦୂଷଣ, ଜଳବାୟୁ ପରିବର୍ତ୍ତନ ଏବଂ ରୋଗ।

ଅନ୍ତର୍ଜାତୀୟ ସଂସ୍ଥା ଡବ୍ଲ୍ୟୁଡବ୍ଲ୍ୟୁଏଫ୍‌ର ନିର୍ଦ୍ଦେଶକ ମାର୍କୋ ଲାମ୍ବର୍ଟିନିଙ୍କ ମତରେ ଆମେ ଏବେ ଦୁଇଗୁଣା ଜରୁରିକାଳୀନ ସ୍ଥିତିର ସମ୍ମୁଖୀନ ହେଉଛନ୍ତି। ଯାହା ଫଳରେ ମନୁଷ୍ୟକୃତ ଜଳବାୟୁ ପରିବର୍ତ୍ତନ ଓ ଜୈବ ବିବିଧତା କ୍ଷୟ ବର୍ତ୍ତମାନ ଏବଂ ଉତ୍ତରପିଢ଼ିଙ୍କ ପାଇଁ ଏହା ବିନାଶକାରୀ ସାବ୍ୟସ୍ତ ହେବ। ହିମାଳୟ ଅଞ୍ଚଳ ଏବଂ ପାଶ୍ଚାତ୍ୟ ଘାଟଗୁଡ଼ିକ ସବୁଠାରୁ ଅସୁରକ୍ଷିତ ରେଜିଓ ମଧ୍ୟରେ ଅଛନ୍ତି ।

ଜୈବ ବିବିଧତା ହ୍ରାସ ପାଇଁ ଭାରତରେ ତାପମାତ୍ରା ବୃଦ୍ଧି ହିଁ ମୁଖ୍ୟ କାରଣ। ୧୯୭୦ରୁ ୨୦୧୮ ମଧ୍ୟରେ ମହୁମାଛି ଏବଂ ପ୍ରାୟ ୧୭ ପ୍ରଜାତିର ମଧୁର ଜଳ କଇଁଛ ଆଦିଙ୍କ ସଂଖ୍ୟା ହ୍ରାସ ପାଉଛି। ଖାଲି ସେତିକି ନୁହେଁ ହାତୀ, ବାଘ ଏବଂ ଅନ୍ୟାନ୍ୟ ବିରଳ ପ୍ରଜାତିର ବନ୍ୟପ୍ରାଣୀଙ୍କ ଶିକାର ମଧ୍ୟ ଭାରତରେ ଏବେ ଗଭୀର ଚିନ୍ତାର କାରଣ ପାଲଟିଛି। ସେହିପରି ଓଡ଼ିଶାରେ ମଧ୍ୟ ସମାନ ପରିସ୍ଥିତି। ବନ୍ୟଜନ୍ତୁ ସଂରକ୍ଷଣ ଏବେ କେବଳ କାଗଜ କଲମରେ ସୀମିତ ରହିଛି। କିନ୍ତୁ ଜଙ୍ଗଲ ଅଧିକାରୀ ଏବଂ ସୁରକ୍ଷା ବଳୟ ଭେଦକରି ଶିକାରୀ ନିଜର ଶିକାର ଅତିରେ କରିପାରୁଛି। ଏଥିପାଇଁ ଅସାଧୁ ବ୍ୟକ୍ତି ଏବଂ ଅଧିକାରୀମାନେ ମୁଖ୍ୟତଃ ଦାୟୀ। ବର୍ତ୍ତମାନ କୃଷିଜମିର ବ୍ୟବହାର ୪୧ ପ୍ରତିଶତ ଏବଂ ବନ୍ୟଜନ୍ତୁ ୪୬ ପ୍ରତିଶତ ପର୍ଯ୍ୟନ୍ତ ହ୍ରାସ ପାଇଛନ୍ତି। ଜୈବ ବିବିଧତା ହ୍ରାସ ଏବଂ ଜଳବାୟୁ ସଙ୍କଟକୁ ଦ୍ୱିପାକ୍ଷିକ ପ୍ରସଙ୍ଗ ଭାବେ ବିବେଚନା କରିବା ପରିବର୍ତ୍ତେ ଐକିକ ଭାବରେ ସମାଧାନ କରାଯିବା ଉଚିତ। ପ୍ରକୃତିର ସକାରାତ୍ମକ ଭବିଷ୍ୟତ ପାଇଁ ଏହା ନିତାନ୍ତ ଜରୁରୀ। ଆମେ କିପରି ଉତ୍ପାଦନ କରୁ, କିପରି ବ୍ୟବହାର କରୁ, କିପରି ଆମେ ସମ୍ପାଦନା କରୁ, କିପରି ଅର୍ଥନୈତିକ ବିକାଶ ଚାହୁଁ ସେଥିପ୍ରତି ଧ୍ୟାନ ଦେବା ମଧ୍ୟ ଆବଶ୍ୟକ।

**କଟକ, ମୋ– ୮୯୧୭୪୨୬୧୩୭**

## ଏଇ ଭାରତରେ

ଜୀବନରେ ବହୁ ସଂଘର୍ଷକୁ ସାମ୍ନା କରି ଅନେକଙ୍କ ଜୀବନରେଖା ପାଲଟିଛନ୍ତି ପ୍ରସେନ୍‌ଜିତ ମଣ୍ଡଳ। ସେ 'ସୁନ୍ଦରବନ ଫାଉଣ୍ଡେଶନ' ଗଢ଼ି ସୁନ୍ଦରବନର ବାଲି ଦ୍ୱୀପରେ ଲୋକମାନଙ୍କ ଜୀବନର ଆଶାବାଡ଼ି ପାଲଟିଛନ୍ତି। ସୁନ୍ଦରବନରେ ରହି ତାଙ୍କ ପରିବାର ଜୀବିକା ପାଇଁ ବହୁ କଷ୍ଟ ସହିଛନ୍ତି ଓ ତାଙ୍କ ଜୀବନ ମଧ୍ୟ ଅଭାବରେ କଟିଥିଲା। ପ୍ରସେନ୍‌ଜିତ୍ ସ୍କୁଲ ଶିକ୍ଷା ଶେଷ କରି ଉଚ୍ଚଶିକ୍ଷା ଲାଭ କରିବାକୁ କୋଲକାତାକୁ ଯାଇଥିଲେ। ଏହି ସମୟରେ ସେ ବିଭିନ୍ନ ଜାଗାରେ କାମ କରି ପଢ଼ା ଖର୍ଚ୍ଚ ପୂରଣ କରିବା ସହ ଘର ଚଳିବା ଲାଗି ଟଙ୍କା ପଠାଉଥିଲେ। ପରେ ସେ ସ୍ନାତକୋତ୍ତର ଡିଗ୍ରୀ ଓ କମ୍ପ୍ୟୁଟର ଶିକ୍ଷା ଶେଷ କରି ବାଲି ଦ୍ୱୀପରେ ଲୋକଙ୍କ ଜୀବନରେ ଉନ୍ନତି ଆଣିବା ଲାଗି ଘରକୁ ଫେରି ଆସିଥିଲେ ୨୦୧୬ରେ। ପରେ ସୁନ୍ଦରବନ ଫାଉଣ୍ଡେଶନ ଗଠନ କରି ଲୋକମାନଙ୍କୁ ଜୀବିକା ଯୋଗାଇବା ସହ ମାଗଣାରେ ସ୍ୱାସ୍ଥ୍ୟ ସେବା ଯୋଗାଉଛନ୍ତି। ବର୍ଷକୁ ପାଖାପାଖି ୬୦୦ ଲୋକ ସ୍ୱାସ୍ଥ୍ୟସେବା ପାଇପାରୁଛନ୍ତି। ଏକ ପ୍ରି ପ୍ରାଇମେରୀ ସ୍କୁଲ ଖୋଲିଛନ୍ତି; ଯେଉଁଥିରେ ୬୦ ପିଲା ପଢୁଛନ୍ତି। ସେ ୧ ଲକ୍ଷରୁ ଊର୍ଦ୍ଧ୍ୱ ମାନ୍‌ଗ୍ରୋଭ୍ ଗଛ ରୋପଣ କରିଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

**୪ ନଭେମ୍ବର ୧୯୯୭**

- ଭିଏତ୍‌ନାମର ଦକ୍ଷିଣାଞ୍ଚଳରେ ପ୍ରବଳ ଘୂର୍ଣ୍ଣିବାତ୍ୟା ପ୍ରବାହିତ ହେବା ଫଳରେ ସମୁଦ୍ର ମଧ୍ୟକୁ ମାଛ ଧରିବାକୁ ଯାଇଥିବା ୨୦୦ ମତ୍ସ୍ୟଜୀବୀ ନିଖୋଜ।
- ସୁପ୍ରିମ୍‌କୋର୍ଟର ପୂର୍ବତନ ବିଚାରପତି ତଥା ଓଡ଼ିଶା ହାଇକୋର୍ଟର ପୂର୍ବତନ ମୁଖ୍ୟ ବିଚାରପତି ବନୱାରୀଲାଲ୍ ହଂସାରିଆଙ୍କ ୬୬ ବର୍ଷ ବୟସରେ ପରଲୋକ।
- ଗିରଫ ଭୟରେ ଆତ୍ମଗୋପନ କରିଥିବା ଏବଂ ଆତ୍ମସମର୍ପଣ କରିବାକୁ ମନାକରୁଥିବା ଜଙ୍ଗଲ ଦସ୍ୟୁ ବୀରାପ୍ପାନଙ୍କୁ ଧରିବା ଲାଗି ତାମିଲନାଡୁ ଓ କର୍ନାଟକ ସରକାରଙ୍କ ପକ୍ଷରୁ ମିଳିତ କମାଣ୍ଡ ଗଠନ।

## su|do|ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | | | 7 | | 6 | |
| | 5 | | | | 8 | 4 | | |
| | | 4 | 6 | | 1 | 8 | | 5 |
| | 2 | | | | | | 5 | |
| | | | | | 9 | | | 8 |
| | 4 | 8 | | 6 | | | 9 | |
| | 9 | 2 | | | | | | |
| | 8 | | 7 | | | 3 | | |
| | | 3 | 5 | | 2 | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 4 | 1 | 8 | 7 | 6 | 2 | 9 | 5 | 3 |
| 9 | 7 | 6 | 4 | 3 | 5 | 1 | 2 | 8 |
| 2 | 3 | 5 | 9 | 8 | 1 | 7 | 6 | 4 |
| 5 | 9 | 7 | 8 | 4 | 6 | 2 | 3 | 1 |
| 3 | 6 | 2 | 5 | 1 | 7 | 4 | 8 | 9 |
| 8 | 4 | 1 | 3 | 2 | 9 | 6 | 7 | 5 |
| 1 | 5 | 4 | 2 | 7 | 3 | 8 | 9 | 6 |
| 7 | 8 | 3 | 6 | 9 | 4 | 5 | 1 | 2 |
| 6 | 2 | 9 | 1 | 5 | 8 | 3 | 4 | 7 |

ଗତକାଲିର ଉତ୍ତର

# ସାମାଜିକ ଅବ୍ୟବସ୍ଥା



ଡ.ମୌସୁମୀ ପରିଡ଼ା

ଦେଶର ସାର୍ବଭୌମତା, ଅଖଣ୍ଡତା, ଗଣତାନ୍ତ୍ରିକ ମୂଲ୍ୟବୋଧ ବିପଦଶଂକୁଳ ହୋଇପଡିଛି। ମୂଳ ସମସ୍ୟା ଗୁରୁତ୍ୱହୀନ ଓ ଉପେକ୍ଷିତ। ମୂଲ୍ୟହୀନ କଥାକୁ ରୋଚକ କରି ମୁଖ୍ୟ ଓ ଜରୁରୀ ସମସ୍ୟାକୁ ନିଷ୍କ୍ରିୟ କରିଦିଆଯାଉଛି। କିଛି ଅପ୍ରାସଙ୍ଗିକ କଥା ଯାହା ସମାଜକୁ କଳୁଷିତ କରିବାକୁ ଯଥେଷ୍ଟ ସେସବୁ ଆଜିକାଲି ବୈଦ୍ୟୁତିକ ଗଣମାଧ୍ୟମର ମୁଖ୍ୟ ପ୍ରସଙ୍ଗ, ଯାହା ଯୁବପିଢ଼ିକୁ ଅବାଟକୁ ନେଉଛି। ଏଭଳି ଖବର ପରିବେଷଣ ଦ୍ୱାରା ସମାଜ ଏବେ ଧ୍ୱଂସମୁଖୀ।

ପରିବେଶ ପ୍ରଦୂଷଣ ପରି ସାମାଜିକ ପ୍ରଦୂଷଣ ଓ ନୀତିଆଦର୍ଶ ବିହୀନ ମାନସିକତା ବର୍ତ୍ତମାନର ପ୍ରମୁଖ ସମସ୍ୟା। ଏହାର ପ୍ରଭାବରୁ କିପରି ସମାଜକୁ ରୋକାଯାଇପାରିବ, ତାହା ଚିନ୍ତାର ବିଷୟ। ଆଗପରି ଲୋକମାନେ ନୀତିନିଷ୍ଠତାରେ ଅନୁପ୍ରାଣିତ ହୋଇ ସମାଜକୁ ଦିଗ୍‌ଦର୍ଶନ ଦେବା ଜରୁରୀ ଭାବନ୍ତି ନାହିଁ। ପାଠପଢ଼ା ପରେ ଭଲ ଚାକିରି ମିଳିଗଲେ ସୀମିତ ରହିଯାଉଛି ବ୍ୟକ୍ତିଚେତନା। ଚେତନାର ସ୍ଫୁରଣରେ ଆତ୍ମିକ ବିକାଶ ହୁଏ ସିନା ଆର୍ଥିକ ବିକାଶ ହୁଏନାହିଁ। ଏଥିପାଇଁ ଆଗ୍ରହ ସୃଷ୍ଟି ହୁଅନ୍ତା ଯଦି ବ୍ୟକ୍ତିଗତ ସ୍ତରରେ ମେଧାକୁ ଅଗ୍ରାଧିକାର ମିଳନ୍ତା। ସେଥିରେ ବି ବୈଷମ୍ୟ! ଫଳରେ ବ୍ୟକ୍ତିର ଦୃଷ୍ଟି ଓ ପରିସର ସୀମିତ ହୋଇଯାଉଛି।

ଏକାନ୍ନବର୍ତ୍ତୀ ପରିବାରର ସ୍ୱାମୀ ସ୍ତ୍ରୀ ଉଭୟ ଚାକିରିଆ ହେଲେ ସେମାନେ ମାନସିକ ସ୍ତରରେ ଦୁଇ ପ୍ରକାରର ଜୀବନ ବଞ୍ଚନ୍ତି। ଯେହେତୁ ମଣିଷ ସାମାଜିକ ଓ ପାରିବାରିକ ପ୍ରାଣୀ ସେଥିପାଇଁ ସେ ଏକାକୀତ୍ୱକୁ ଗ୍ରହଣ କରିପାରେନାହିଁ। ଅଳ୍ପ ସମୟ ଭିତରେ ମାନସିକ ଅବସାଦ ସୃଷ୍ଟି ହୁଏ। ସେହି ଚିରାଚରିତ ଜୀବନ ଭିତରେ ବଞ୍ଚିବାର ସତେଜତା, ସମ୍ପର୍କର ନିଗୂଢ଼ତା ଫିକା ପଡ଼ିଆସେ। ଯେଉଁଠି ଦାମ୍ପତ୍ୟ ସମ୍ପର୍କରେ ଦୂରତା ସୃଷ୍ଟି ହୁଏ ସେଠାରେ ତୃତୀୟ ଲୋକର ଅଭ୍ୟୁଦୟ ହେବା ଆଶ୍ଚର୍ଯ୍ୟଜନକ ନୁହେଁ। ଫଳରେ ପରିବାର ଭାଙ୍ଗିଯାଏ।

ନିଜେ ଗଢିଥିବା ଅତ୍ୟାଧୁନିକ ଓ ଉଦାରଭିତ୍ତିକ ଜୀବନଶୈଳୀ ଅସଂଖ୍ୟ ଦୁଃସ୍ଥିତିକୁ ନିମନ୍ତ୍ରଣ କରିଛି। ପ୍ରଚଳିତ ବିଧିବ୍ୟବସ୍ଥା ସମାଜ ସହିତ ପାରିବାରିକ ସମ୍ପର୍କକୁ ମଧ୍ୟ କ୍ଷୀଣ କରୁଛି। ଆର୍ଥିକ ଅଭିବୃଦ୍ଧି ପାଇଁ ଯେକୌଣସି ସାଲିସ୍ କରିବାକୁ ପ୍ରସ୍ତୁତ ଥିବା ଲୋକେ ଭୌତିକ ସୁଖ ପାଇଁ ଆତ୍ମିକ ସୁଖକୁ ପାଦରେ ଆଡ଼େଇଦିଅନ୍ତି। ପାଶ୍ଚାତ୍ୟଧର୍ମିତା ଲୋକଙ୍କୁ ଏଭଳି ଆଚ୍ଛନ୍ନ କରିରଖିଛି ଯେ ସେଠୁ ମୁକୁଳିବା ପରିବର୍ତ୍ତେ ଫସିବାକୁ ପ୍ରତିଦ୍ୱନ୍ଦ୍ୱିତା। ଫଳରେ ବିଶ୍ୱାସ ବଦଳରେ ପ୍ରତାରଣା। ଏଭଳି ବ୍ୟବସ୍ଥା ମଣିଷର ନୈତିକତା ଓ ଆବେଗପ୍ରବଣତାକୁ ମାରିଦେବାକୁ ପ୍ରୋତ୍ସାହିତ କରୁଛି।

ବିଚ୍ଛିନ୍ନତାବାଦୀ ଆନ୍ଦୋଳନ, ଆର୍ଥିକ ବ୍ୟବସ୍ଥା, ଆତ୍ମହତ୍ୟାପ୍ରବଣତା ସାମାଜିକ ପ୍ରଦୂଷଣର ଗୋଟେ ଲେଖା ଉଦାହରଣ। ସମାଜରେ ବୈଷମ୍ୟବାଦ ଆଗରୁ ଯେପରି ଥିଲା ଏବେ ମଧ୍ୟ ସେହିପରି ବଳବତ୍ତର, କେବଳ ପାତ୍ର ବଦଳିଛନ୍ତି। ଧନୀଲୋକେ ଧନୀ ହେବାରେ ବ୍ୟସ୍ତ, ନିମ୍ନ ମଧ୍ୟବିତ୍ତ ଓ ଦରିଦ୍ରମାନେ ଅଳସୁଆମିରେ ପୀଡ଼ିତ, ଟିକସଦେଉଥିବା ଲୋକେ ବାସ୍ତବରେ ପ୍ରତାରିତ। ଗୋଟେ ପ୍ରକାରର ଚାକିରିରେ ଦରମାର ତାରତମ୍ୟ, ନିର୍ଦ୍ଦିଷ୍ଟ ବର୍ଗର ଲୋକଙ୍କ ଉପରେ ମହଙ୍ଗା ମାଡ଼ ସମାଜର ମେରୁଦଣ୍ଡକୁ ଭାଙ୍ଗିସାରିଲାଣି।



ସମସ୍ତେ ସମାଜର ଅଂଶ। ମଣିଷ ସମାଜ ଦ୍ୱାରା ପ୍ରଭାବିତ ହୋଇ ସମାଜକୁ ଅନୁକରଣ କରେ। ଲୋକମାନଙ୍କୁ ଭଲ ଘଟଣା ଅପେକ୍ଷା ମନ୍ଦ ଘଟଣା ବେଶି ଆକୃଷ୍ଟ କରେ। ଦରବୃଦ୍ଧି, ଖାଦ୍ୟପେୟର ମାନ ହ୍ରାସ, ଟିକସ ବ୍ୟବସ୍ଥା, ଅହେତୁକ ବିଜୁଳି ଦରବୃଦ୍ଧି, ଆଞ୍ଚଳିକ ବିଭେଦ, ବେକାରି ସମସ୍ୟା, ତ୍ରୁଟିଯୁକ୍ତ ଶିକ୍ଷା ବ୍ୟବସ୍ଥା ଏସବୁ ପାଇଁ ପିଲାମାନେ ଅନ୍ୟ ରାଜ୍ୟମୁହାଁ। ଅଖଣ୍ଡତା ଏବେ ବିପଜ୍ଜନକ ସ୍ଥିତିରେ ଏସବୁ ଗୁରୁତର ପ୍ରସଙ୍ଗ ଲୋକମାନଙ୍କ ପାଇଁ ଗୌଣ ହୋଇପଡିବା ପରିତାପର ବିଷୟ। ସେଥିପାଇଁ ପ୍ରତିବାଦ ନାହିଁ, କ୍ଷୋଭ ନାହିଁ।

ଫିଲ୍ମହୀରୋଙ୍କ ବ୍ୟକ୍ତିଗତ ଜୀବନ, ମଟନ ଦୋକାନ ଭଙ୍ଗା ଘଟଣା, ଅଟୋବାଲାର ଅନୈତିକ ସମ୍ପର୍କ, ଶାଶୁଘର ଆଗରେ ମାସ ମାସ ଧରି ବସିରହିବା, ଆଜେବାଜେ ରିଲ୍ ବନେଇ ସାମାଜିକ ଗଣମାଧ୍ୟମରେ ଚର୍ଚ୍ଚିତ ହେବାର ଶସ୍ତା ମାନସିକତା ଆଜିକାଲିର ଜନସାଧାରଣଙ୍କ ପାଇଁ ରୋଚକ ବିଷୟ। ସେପଟେ ନିଜ ପିଲା ଅବାଟକୁ ଗଲାଣି ସେସବୁର ହେଜ ନାହିଁ। ଆଶ୍ଚର୍ଯ୍ୟର କଥା ଅନାବଶ୍ୟକ ରିଲ୍ ବନେଇ 'ଅ' ଅକ୍ଷର ବିବର୍ଜିତ ଲୋକେ ଭଲ ରୋଜଗାର କରୁଛନ୍ତି ୟୁ ଟ୍ୟୁବ୍ ପରି ସାମାଜିକ ଗଣମାଧ୍ୟମରୁ। ଅର୍ଥ ଉପାର୍ଜନର ସହଜ ସ୍ରୋତକୁ କୋଟିକୋଟି ଲୋକ ଅନୁକରଣ କରୁଛନ୍ତି; ଯାହା ବାସ୍ତବରେ ଯୁବବର୍ଗଙ୍କୁ ବିପଥଗାମୀ କରାଉଛି। ଫଳରେ ପିଲା ନା ପଢ଼ିବାକୁ ଚାହୁଁଛି ନା ଦେଶର ଅଭିବୃଦ୍ଧିରେ ସାମିଲ୍ ରହିବାକୁ କର୍ତ୍ତବ୍ୟ ମନେକରୁଛି। କୋଡ଼ିଆ ବନିବାର ସରଳ ସୂତ୍ରଟି ଏବେ ତା' ହାତରେ। ଦେଶ ଗଢ଼ିବାକୁ ସେ କାହିଁ ଚାହିଁବ?

ସମାଜର ବିକଳ ଚିତ୍ର ଆଖିସାମ୍ନାରେ ଅଥଚ ସମାଧାନର ବାଟ ନାହିଁ। ଚନ୍ଦ୍ରରେ ଜାଗା କରିବାକୁ ବସିଲେଣି ପୃଥିବୀବାସୀ। ଦ୍ରୁତଗତିରେ ଆଧୁନିକତା ଗ୍ରାସିଗଲାଣି ଦେଶକୁ। ଅଥଚ କିଛି ଗାଁକୁ ବିଜୁଳି ବତି ଯାଇନାହିଁ। କିଛି ପାହାଡ଼ଘେରା ଗାଁ ପାଇଁ ସଡ଼କ ନିର୍ମାଣ ହୋଇନାହିଁ। ପାଣି ପାଇଁ ଯିବାକୁ ପଡୁଛି କୋଶଦୂର। ଏତେସବୁ ଅବ୍ୟବସ୍ଥା କାହା ମନରେ ଭାବାନ୍ତର ସୃଷ୍ଟି କରୁନାହିଁ, ବିଚିତ୍ର! ଅସଂଖ୍ୟ ସମସ୍ୟା ସମାଜର ଅବ୍ୟବସ୍ଥାକୁ ପ୍ରମାଣିତ କରେ।

ଏସବୁ ଅବ୍ୟବସ୍ଥାରେ ଦିନକୁଦିନ ମାନବୀୟ ଅଧୋଗତି ହୋଇଚାଲିଛି। ପିଲାମାନେ ଅବାଟରେ ଅଥଚ ବାପାମାଆଙ୍କ ପାଖେ ଖବର ନାହିଁ। ଘରେ ପହଞ୍ଚିଛି ପିଲାର ହାତଲେଖା ଶେଷ ଚିଠି। ପିଲା ପଢ଼ିବାକୁ ଯାଇ ଆତ୍ମହତ୍ୟା କରୁଛି; ଯାହାର କାରଣ ମିଳିପାରୁନି। ନ୍ୟାୟ ପାଇବାକୁ ବୋହୂ ଶାଶୁଘର ପିଣ୍ଡାରେ ମାସମାସ ଧରି ବସିରହୁଛି। ନ୍ୟାୟ ପାଇବାର ବାଟ ଏଭଳି ହେଲେ ନ୍ୟାୟାଳୟର ଆବଶ୍ୟକତା କ'ଣ!

ତାଳି ଗୋଟିଏ ହାତରେ ବାଜେନାହିଁ। କୌଣସି ବ୍ୟକ୍ତିର ସତ୍‌କର୍ମ ବା ଦୁଷ୍କର୍ମର ପ୍ରତିଫଳନ ସମାଜ ଉପରେ ପଡ଼େ। ଅବଶ୍ୟ ଆଜିକାଲି ନୀତି ଆଦର୍ଶର କଥା ଗୁରୁତ୍ୱହୀନ। ବହିକଥା ବହିରେ ରହିଯାଉଛି, ଆଚରଣରେ ପରିଲକ୍ଷିତ ହେଉନାହିଁ। ସମାଜ ଧୀରେଧୀରେ ଅସୁସ୍ଥ ହେବାରେ ଲାଗିଛି। ଏଥିପାଇଁ ଲୋକେ ସଚେତନ ହୁଅନ୍ତୁ। ଅରାଜକତାରେ ପୂର୍ଣ୍ଣଚ୍ଛେଦ ପକାଇବାକୁ ଆଇନ୍‌କାନୁନ୍ ବଦଳିବା ଦରକାର। ସାମାଜିକ ବିଧିବ୍ୟବସ୍ଥା ଭୁଶୁଡିପଡ଼ିବା ପୂର୍ବରୁ ଆଚରଣରେ ଲଗାମ୍ କଷାହେଉ; ଯାହାଫଳରେ ସାମାଜିକ ପ୍ରଦୂଷଣକୁ କିଛିମାତ୍ରାରେ ରୋକିହେବ।

**ମୋ:୯୪୩୭୩୧୭୦୨୬**

## ପାଠକ ଶ୍ରେଷ୍ଠ ବିଚାରକ

### ରେଡ୍ ଜୋନ୍‌ରେ ଘର

ମହାଶୟ,

ନିୟମ ମୁତାବକ ୟେଲୋ ବା ହଳଦିଆ ଚିହ୍ନିତ ଜାଗାରେ ଘର ପାଇଁ ଅନୁମତି ଥିବାବେଳେ ରେଡ୍ ଜୋନ୍ ଚିହ୍ନିତ ଅଞ୍ଚଳରେ ଘର ବା କୌଣସି ନିର୍ମାଣ ପାଇଁ ଅନୁମତି ନ ଥାଏ। ମାତ୍ର କଟକ ସହରରେ ଏବେ ସମସ୍ତ ରେଡ୍ ଜୋନ୍‌କୁ ଅବରୋଧ କରାଯାଇ ଘର ନିର୍ମାଣ କରାଯାଇଛି। ନଦୀକୂଳ, ପଠା, ପ୍ରାକୃତିକ ଜଳାଧାର, ଜଳାଶୟ ସବୁ କିଛି ପୋତି ଦିଆଯାଇଛି। ରେଡ୍ ଜୋନ୍ ଅବରୋଧ ଯୋଗୁ କଟକରେ ଏବେ ବର୍ଷାଜଳ ନିଷ୍କାସନ ସମସ୍ୟା ବଢ଼ିବାରେ ଲାଗିଛି। ଏଥିସହିତ ସିଡିଏ ମ୍ୟାପ ବାହାରେ ସହର ଉପକଣ୍ଠରେ ଥିବା ଚାଷଜମି ବା ଚକଜମିର କିସମ ପରିବର୍ତ୍ତନ କରାଯାଇ ସେଠାରେ ବି ଘର ଗଢ଼ିଉଠୁଛି। ୪୨ ମୌଜା, କନ୍ଦରପୁର, ପାଗା ପର୍ଯ୍ୟନ୍ତ ଥିବା ଚାଷଜମି ଏବେ ବିଲ୍‌ଡରଙ୍କ ହାତକୁ ଚାଲିଯାଇଛି। ଫଳରେ କଟକ ମହାନଗର ଅଞ୍ଚଳରେ ଓଡିଏ (ଓଡ଼ିଶା ଡେଭଲପମେଣ୍ଟ ଆକ୍ଟ ୧୯୮୨)ର ପରିପାଳନ କରାଯାଉ ନ ଥିବା ସ୍ପଷ୍ଟ ହୋଇଛି। ଏହାର ଖୋଲାଖୋଲି ଉଲ୍ଲଂଘନ ମଧ୍ୟ କରାଯାଉଛି। ସିଡିଏ (କଟକ ଉନ୍ନୟନ କର୍ତ୍ତୃପକ୍ଷ) ଏହି ନିୟମର କାର୍ଯ୍ୟକାରିତାକୁ ଆଦୌ ଗୁରୁତ୍ୱ ଦେଉନାହାନ୍ତି। ସିଡିଏର ଟାଉନ ପ୍ଲାନିଂ ବିଭାଗ ଏ କ୍ଷେତ୍ରରେ ତା'ର ଦାୟିତ୍ୱ ଭୁଲିଯାଇଛି। ଏହାର ତଦାରଖ କରିବାକୁ କେହି ପଦକ୍ଷେପ ନେଉନାହାନ୍ତି। ମହାନଦୀ ବିହାର, ବିଡ଼ାନାସୀ, ସିଡିଏ ଅଞ୍ଚଳରେ ସମାନ ସ୍ଥିତି ଉପୁଜିଛି। ୪୨ମୌଜା, ଖାନନଗର, ନେତାଜୀ ନଗର, ପୋପରଡ଼ା, ସାର୍ଦ୍ଧୋଳ, ବିଦ୍ୟାଧରପୁର, ଜଗତପୁର, ଖଇରା, ନରାଜ, ମୁଣ୍ଡଳୀ ଅଞ୍ଚଳରେ ନଦୀପଠା, ଯୋର ନାଳକୁ ଅବରୋଧ କରି ଘର ନିର୍ମାଣ କରାଯାଉଛି। ଏ ଦିଗରେ ତୁରନ୍ତ ପଦକ୍ଷେପ ନିଆ ନ ଗଲେ ଆଗକୁ କଟକରେ ଗୁରୁତର ସ୍ଥିତି ସୃଷ୍ଟି ହେବ।

**–ଡ. ରାଜକିଶୋର ମିଶ୍ର, କଳାବିକାଶ କେନ୍ଦ୍ର ମାର୍ଗ, କଟକ**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ପଥେ ଘାଟେ ଯେତେ ଦେଖିଲି ମଧୁର ଚାହାଣୀ
ମନେ ନାହିଁ
କଣ୍ଠେ ଜାଗିଲା କୁଣ୍ଠିତ ଯେତେ କାହାଣୀ
ଦୂରେ ଚାହିଁ।

–(ମନେ ନାହିଁ)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

ଧରିତ୍ରୀ
DHARITRI
ଶୁକ୍ରବାର, ୪ ନଭେମ୍ବର, ୨୦୨୨



### ଅଁଳା ନବମୀ ପାଳିତ

ବଇଣ୍ଡା,୩।୧୧(ଡି.ଏନ.ଏ): କିଶୋରନଗର ବ୍ଲକ ବଇଣ୍ଡା ରାଧାକୃଷ୍ଣ ମନ୍ଦିର ପରିସରରେ ବୁଧବାର ଅଁଳା ନବମୀ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ପ୍ରଭୁ ରାଧାକୃଷ୍ଣଙ୍କୁ ଯଥାରୀତିରେ ପୂଜା କରାଯାଇଥିଲା। ପୂଜକ ମଦନ ମୋହନ ମିଶ୍ର ଠାକୁରଙ୍କ ନୀତିକାନ୍ତି କରିଥିବାବେଳେ ବହୁ ସଂଖ୍ୟାରେ ଶ୍ରଦ୍ଧାଳୁ ଯୋଗଦେଇ ପ୍ରଭୁଙ୍କୁ ଦର୍ଶନ କରିଥିଲେ।

## ସଂକ୍ଷେପରେ

### ଶୀତଳଭଣ୍ଡାର ନିର୍ମାଣ ଦାବି

**ଆଠମଲ୍ଲିକ, ୩।୧୧ (ଡି.ଏନ.ଏ.):** ଆଠମଲ୍ଲିକ, ମାଧପୁର ଓ ଠାକୁରଗଡ଼ରେ ଶୀତଳ ଭଣ୍ଡାର ନିର୍ମାଣ ପାଇଁ ଏସ୍‌ୟୁସିଆଇ (କମ୍ୟୁନିଷ୍ଟ) ପକ୍ଷରୁ ଗୁରୁବାର ଦାବି କରାଯାଇଛି। ଏଥିସହ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ୧୮ ଦଫା ସମ୍ବଳିତ ଏକ ଦାବିପତ୍ର ସ୍ଥାନୀୟ ପ୍ରଶାସନକୁ ପ୍ରଦାନ କରାଯାଇଛି। ସ୍ଥାନୀୟ ସଙ୍ଗଠକ ଜଗନ୍ନାଥ ମହାକୁଡ଼ଙ୍କ ନେତୃତ୍ୱରେ ସମର୍ଥକମାନେ ସ୍ଥାନୀୟ ଖେଳ ପଡିଆରୁ ଶୋଭାଯାତ୍ରାରେ ଆସି ଉପଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚି ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଜିଲା କମିଟି ସଭ୍ୟ ତୀର୍ଥବାସୀ ଭୋଇ ପେଟ୍ରୋଲ, ଡିଜେଲ, ରନ୍ଧନଗ୍ୟାସ ଦର ହ୍ରାସ କରିବା, ବିଦ୍ୟୁତ୍ ବିତରଣ କମ୍ପାନୀର ଜୁଲୁମ ବନ୍ଦ କରିବା, ଡାକ୍ତରଖାନାରେ ବିଶେଷଜ୍ଞ ଡାକ୍ତର, ନର୍ସ ଓ କର୍ମଚାରୀ ପଦବୀ ପୂରଣ କରିବା, ଧଉରାଗୋଠ, ମହସତୀ, ସୁରେଶ୍ୱରୀ ଜଳସେଚନ ପ୍ରକଳ୍ପ କାର୍ଯ୍ୟକାରୀ କରିବା, ଆଠମଲ୍ଲିକ, ମାଧପୁର, ଠାକୁରଗଡ଼ରେ ଶୀତଳ ଭଣ୍ଡାର ନିର୍ମାଣ ଆଦି ପାଇଁ ଦାବି କରିଥିଲେ। ଦାବିପତ୍ର ପ୍ରଦାନ ସମୟରେ ଆଞ୍ଚଳିକ କମିଟି ସଭ୍ୟ ସରୋଜିନୀ ବେହେରା, ସୁଶାନ୍ତ ପାତ୍ର, ହଜାରି ପ୍ରଧାନ, ଅଞ୍ଜନ ସାହୁ, ସଂଯୁକ୍ତା ରାଉଳ ପ୍ରମୁଖ ଉପସ୍ଥିତ ଥିଲେ।

### କେନାଲରୁ ଶିଶୁପୁତ୍ର ମୃତଦେହ ଜବତ

**ଅନୁଗୋଳ ଅଫିସ, ୩।୧୧:** ଅନୁଗୋଳ ସହର ଅମଲାପଡା ଦେଇ ଯାଇଥିବା କେନାଲରୁ ଗୁରୁବାର ଏକ ଶିଶୁପୁତ୍ରଙ୍କ ମୃତଦେହ ଜବତ କରାଯାଇଛି। ମୃତ ଶିଶୁପୁତ୍ର ଜଣକ ପଶ୍ଚିମବଙ୍ଗ ମେଦିନିପୁର ଅଞ୍ଚଳର ଶଙ୍କର ଶେଖରଙ୍କ ୪ ବର୍ଷର ପୁଅ ଟିକୁ ଶେଖର ବୋଲି ଜଣାପଡ଼ିଛି। ସୂଚନା ଅନୁସାରେ, ଶଙ୍କର ଯାଯାବର ସମ୍ପ୍ରଦାୟର ହୋଇଥିବା ବେଳେ ଅନୁଗୋଳ ଟାଉନ ହାଇସ୍କୁଲ ପାଖରେ ରୁହନ୍ତି। ଗତକାଲି ଅପରାହ୍ନ ୧ଟା ବେଳେ ଟିକୁ ଘରୁ କେଉଁଆଡ଼େ ଚାଲି ଯାଇଥିଲେ। ଅପରାହ୍ନ ସୁଦ୍ଧା ନ ଫେରିବାରୁ ପରିବାର ଲୋକ ଖୋଜାଖୋଜି କରିଥିଲେ ହେଁ କୌଣସି ସନ୍ଧାନ ମିଳି ପାରି ନ ଥିଲା। ଗୁରୁବାର ସକାଳେ ତାଙ୍କ ମୃତଦେହ କେନାଲରେ ଭାସୁଥିବା ଦେଖି ଲୋକେ ପୋଲିସକୁ ସୂଚନା ଦେଇଥିଲେ। ଘଟଣାସ୍ଥଳରେ ପୋଲିସ ପହଞ୍ଚି ଦମକଳ ବାହିନୀ ସହାୟତାରେ ମୃତଦେହ ଉଦ୍ଧାର କରିବା ପରେ ତାହାକୁ ଜବତ କରିଥିଲା। ଟିକୁ କିପରି କେନାଲରେ ପଡ଼ିଗଲେ ସେ ନେଇ ତଦନ୍ତ ଜାରି ରହିଥିବା ପୋଲିସ ସୂଚନା ଦେଇଛି।

### ଫାଶରେ ପଡ଼ି ମହିଳା ଗୁରୁତର ଘଟଣା, ମାମଲା ରୁଜୁ

**ବଇଣ୍ଡା,୩।୧୧(ଡି.ଏନ.ଏ.):** କିଶୋରନଗର ବ୍ଲକ ହଣ୍ଡପା ଥାନା ଅଁଳାବେରେଣୀ ଗ୍ରାମସ୍ଥିତ ଏକ ବିଲରେ ବାର୍‌ହା ଶିକାର କରିବା ପାଇଁ ବିଛା ଯାଇଥିବା ବିଦ୍ୟୁତ୍ ଫାଶରେ ପଡ଼ି ସେହି ଗ୍ରାମର ବୈଶାଖୀ ନାୟକ ଗୁରୁତର ହୋଇଥିଲେ। ଏହି ଘଟଣାରେ ପୋଲିସ ପକ୍ଷରୁ ମାମଲା ରୁଜୁ କରାଯାଇଛି। ବଇଣ୍ଡା ବିଦ୍ୟୁତ୍ ବିଭାଗ କନିଷ୍ଠଯନ୍ତ୍ରୀ ପଙ୍କଜ ଖିଲାରଙ୍କ ଅଭିଯୋଗକ୍ରମେ ପୋଲିସ ନଂ. ୩୦୧/୨୨ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ଏହି ଘଟଣାରେ ୪ ଜଣ ସମ୍ପୃକ୍ତ ଥିବାବେଳେ ଧରଣୀ ଦେହୁରୀଙ୍କୁ ଗିରଫ କରାଯାଇଛି। ଅନ୍ୟ ଶିକାରୀମାନେ ଫେରାର ଅଛନ୍ତି। ଏହି ଅଞ୍ଚଳରେ ଶିକାରୀମାନେ ବାରମ୍ବାର ବିଦ୍ୟୁତ୍ ଫାଶ ବସାଉଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ତୁରନ୍ତ ଶିକାରୀଙ୍କୁ ଗିରଫ କରିବା ପାଇଁ ସାଧାରଣରେ ଦାବି ହୋଇଛି।

# ପ୍ରସ୍ଫୁଟିତ ହେଉନି ଚିତ୍ରକଳା ପ୍ରତିଭା

**ଆଠମଲ୍ଲିକ, ୩।୧୧ (ଉଦୀପ୍ତ ପୁରୋହିତ)**



- ଆଠମଲ୍ଲିକର କୌଣସି ସ୍କୁଲରେ ନାହାନ୍ତି ଡ୍ରଇଂ ଶିକ୍ଷକ
- ବିଦ୍ୟାଳୟରେ ଥିବା ଡ୍ରଇଂ କ୍ଲାସ ବନ୍ଦ ହେବା ଉପରେ
- ଅଭିଭାବକ, ଶିକ୍ଷାବିତ୍‌ଙ୍କ ମହଲରେ ତୀବ୍ର ଅସନ୍ତୋଷ

ଚିତ୍ରକଳାରେ ଚମତ୍କାରିତା ପାଇଁ ଅନ୍ତର୍ଜାତୀୟ ସ୍ତରରେ ପରିଚିତ ସହ ଆଠମଲ୍ଲିକକୁ ଗୌରବାନ୍ୱିତ କରିଛନ୍ତି ସୁନାମଧନ୍ୟ ଚିତ୍ରଶିଳ୍ପୀ ପି.କେ. ମହାନନ୍ଦିଆ। ହେଲେ ସେହି ଆଠମଲ୍ଲିକ ମାଟିରେ ଆଉ ଚିତ୍ରକଳାକୁ ମିଳୁନି ଉପଯୁକ୍ତ ପ୍ରୋତ୍ସାହନ। ପ୍ରସ୍ଫୁଟିତ ହେଉନି ପିଲାଙ୍କ ମଧ୍ୟରେ ଥିବା ଏହି ପ୍ରତିଭା। କାରଣ ଦୀର୍ଘବର୍ଷ ହେଲା ଅନୁଗୋଳ ଜିଲା ଆଠମଲ୍ଲିକ ବ୍ଲକର କୌଣସି ସ୍କୁଲରେ ନାହାନ୍ତି ଡ୍ରଇଂ ଶିକ୍ଷକ। ଉଚ୍ଚପ୍ରାଥମିକ ଓ ହାଇସ୍କୁଲଗୁଡ଼ିକରେ ଛାତ୍ରୀଛାତ୍ରଙ୍କ ନିମନ୍ତେ ଡ୍ରଇଂ କ୍ଲାସ ରଖାଯାଉଥିଲେ ମଧ୍ୟ ଏହି ଶିକ୍ଷା ଦେବାକୁ ନାହାନ୍ତି ଶିକ୍ଷକ। ଏ ନେଇ ଅଭିଭାବକ ଓ ଶିକ୍ଷାବିତ୍‌ମାନଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ସୃଷ୍ଟି ହୋଇଛି।

ଅନୁଗୋଳ ଜିଲା ଆଠମଲ୍ଲିକ ବ୍ଲକରେ ରହିଛି ମୋଟ୍ ୨୧୫ ସ୍କୁଲ। ସେଥିରୁ ୧୧ଟି ସରକାରୀ ଓ ୧୫ଟି ବ୍ଲକ ଗ୍ରାଣ୍ଟ ଉଚ୍ଚ ବିଦ୍ୟାଳୟ। ସେହିପରି ୮୦ଟି ଉଚ୍ଚ ପ୍ରାଥମିକ ସହ ୧୦୯ ପ୍ରାଥମିକ ସ୍କୁଲ ଅଛି। ଏଥିରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ୧୪ ହଜାର ୬୩୪ ଛାତ୍ରୀଛାତ୍ର ଓ ନବମରୁ ଦଶମ ଶ୍ରେଣୀରେ ୩୯୬୯ ଛାତ୍ରୀଛାତ୍ର ଅଧ୍ୟୟନ କରୁଛନ୍ତି। ସରକାରୀ ବ୍ୟବସ୍ଥା ଅନୁଯାୟୀ ହାଇସ୍କୁଲ ଓ ଉଚ୍ଚ ପ୍ରାଥମିକ ସ୍କୁଲଗୁଡ଼ିକରେ ଡ୍ରଇଂ ଶିକ୍ଷକ ନିଯୁକ୍ତି ଦିଆଯିବା କଥା। ମାତ୍ର ବ୍ଲକର କୌଣସି ଗୋଟିଏ ହେଲେ ବି ସ୍କୁଲରେ ଏହି ଶିକ୍ଷା ଦେବାକୁ ଶିକ୍ଷକ ନାହାନ୍ତି। କେବଳ ଠାକୁରଗଡ ଉଚ୍ଚ ପ୍ରାଥମିକ ସ୍କୁଲରେ ଜଣେ ପାର୍ଟ ଟାଇମ୍ ଇନ୍‌ଷ୍ଟ୍ରକ୍ଟର ଅଛନ୍ତି। ଏ ନେଇ ବାରମ୍ବାର ଅଭିଭାବକ ମହଲରେ ଦାବି ହେଉଥିଲେ ମଧ୍ୟ ସରକାର ଯେପରି ଡ୍ରଇଂ ଶିକ୍ଷକ ନିଯୁକ୍ତି ବ୍ୟବସ୍ଥାକୁ ପାସୋରି ଦେଇଛନ୍ତି। ଅଭିଭାବକ ଓ ଶିକ୍ଷାବିତ୍‌ମାନେ କହିଛନ୍ତି, ସ୍କୁଲରେ ଚିତ୍ରକଳା ଶିକ୍ଷା ଦେବା ନେଇ ସରକାରଙ୍କ ପକ୍ଷରୁ କୌଣସି ଯୋଜନା ଥିବା ଭଳି ଆଉ ମନେହେଉନାହିଁ। ଦୀର୍ଘବର୍ଷ ହେଲା ଏ ଦିଗରେ ନା' ତତ୍ପରତା ଅଛି ନା' କିଛି ପଦକ୍ଷେପ ନିଆଯାଉଛି। ସ୍କୁଲରେ ପିଲାଙ୍କ ପାଇଁ ଡ୍ରଇଂ କ୍ଲାସ ରଖାଯାଉଥିବା ବେଳେ ଶିକ୍ଷକ ନିଯୁକ୍ତ କରା ନ ଯିବା ଅତ୍ୟନ୍ତ ଆଶ୍ଚର୍ଯ୍ୟଜନକ। ବିନା ଶିକ୍ଷକରେ ଏହି ଶିକ୍ଷା କିପରି ପିଲା ପାଇବେ ତାହା ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରୁଛି। ଯେଉଁ ଛାତ୍ରୀଛାତ୍ରଙ୍କ ଭିତରେ ଏହି ପ୍ରତିଭା ରହିଛି, ତାହାର ପରିପ୍ରକାଶ ନିମନ୍ତେ ସରକାରଙ୍କ ପକ୍ଷରୁ ବ୍ୟବସ୍ଥା କରାଯାଉ ନାହିଁ। ଫଳରେ ସ୍କୁଲଗୁଡ଼ିକରେ ଡ୍ରଇଂ କ୍ଲାସ ପ୍ରାୟତଃ ବନ୍ଦ ହେବା ଉପରେ। ଶିକ୍ଷାନୁଷ୍ଠାନରେ ଚିତ୍ରକଳା ଶିକ୍ଷା ପ୍ରତି ସରକାର ଏପରି ବିମୁଖ ଭାବ ଦେଖାଉଥିବାବେଳେ ଶିଶୁ ମହୋତ୍ସବ 'ସୁରଭି' କାର୍ଯ୍ୟକ୍ରମରେ ଚିତ୍ରକଳା ପ୍ରତିଯୋଗିତା ଓ ପୁରସ୍କାର ବ୍ୟବସ୍ଥା ରଖାଯିବା ସହ ବଡ଼ ବଡ଼ ଭାଷଣ ଦିଆଯାଉଛି। ଓଡ଼ିଶାର କଳା, ଭାସ୍କର୍ଯ୍ୟ ଓ ପରମ୍ପରାକୁ ଉଚ୍ଚ ପ୍ରଶଂସା କରାଯିବା ସହ ଏହାକୁ ଆଗାମୀ ଦିନରେ ଅକ୍ଷୁଣ୍ଣ ରଖିବାକୁ ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦିଆଯାଉଛି। ହେଲେ ବିନା ଗୁରୁ ଓ ପ୍ରୋତ୍ସାହନରେ ଏହି ଶିକ୍ଷା କିପରି ଛାତ୍ରୀଛାତ୍ରମାନେ ପାଇପାରିବେ ତାହା ଚକିତ କରୁଛି। ତୁରନ୍ତ ରାଜ୍ୟ ସରକାର ଆଠମଲ୍ଲିକର ସମସ୍ତ ଶିକ୍ଷାନୁଷ୍ଠାନରେ ଡ୍ରଇଂ ଶିକ୍ଷକ ନିଯୁକ୍ତ କରିବାକୁ ସାଧାରଣରେ ଦାବି ହେଉଛି।

### ଅତିଶୀଘ୍ର ନିଯୁକ୍ତି ଦିଆଯାଉ



ଉଚ୍ଚ ପ୍ରାଥମିକ ଓ ହାଇସ୍କୁଲରେ ଡ୍ରଇଂ ଶିକ୍ଷକ ଅତିଶୀଘ୍ର ନିଯୁକ୍ତି ଦିଆଯାଉ। ନଚେତ ହଜାର ହଜାର ଛାତ୍ରୀଛାତ୍ର ଏହି ଶିକ୍ଷାରୁ ବଞ୍ଚିତ ହେବା ସହିତ ଭବିଷ୍ୟତରେ ଚିତ୍ରକଳାକୁ ନେଇ ଆତ୍ମନିର୍ଭର ହେବାକୁ ଆଶା କରିଥିବା ଯୁବତୀ ଯୁବକ ହତାଶ ହେବେ।

-ବିନୟ କୁମାର ପଟ୍ଟନାୟକ, ଚିତ୍ରକର, ଆଠମଲ୍ଲିକ

### ଛାତ୍ରୀଛାତ୍ରଙ୍କ ପ୍ରତିଭାର ବିକାଶ କରାଯାଉ



ମହେନ୍ଦ୍ର ଉଚ୍ଚ ବିଦ୍ୟାଳୟରେ ଅଧ୍ୟୟନ କରୁଥିବାବେଳେ ତତ୍କାଳୀନ ଡ୍ରଇଂ ଶିକ୍ଷକଙ୍କ ଠାରୁ ଶିକ୍ଷା ଗ୍ରହଣ କରିଥିବାରୁ ଏଥିରେ ସ୍ୱାବଲମ୍ବୀ ହୋଇପାରିଛି। ତେଣୁ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଥିବା ଚିତ୍ରକଳା ପ୍ରତିଭାର ବିକାଶ ନିମନ୍ତେ ସ୍କୁଲଗୁଡ଼ିକରେ ଡ୍ରଇଂ ଶିକ୍ଷକ ନିଯୁକ୍ତି ଦିଆଯାଉ।

-ଟୁକୁନୁ ବେହେରା, ଚିତ୍ରକର, ଆଠମଲ୍ଲିକ

### ୧୦ ବର୍ଷ ହେଲା ପଦବୀ ଖାଲି

ଆଠମଲ୍ଲିକ ମହେନ୍ଦ୍ର ହାଇସ୍କୁଲରେ ଡ୍ରଇଂ ଶିକ୍ଷକ ନାହାନ୍ତି। ପ୍ରାୟ ୧୦ ବର୍ଷ ତଳେ ଜଣେ ଶିକ୍ଷକ ଥିଲେ। ହେଲେ ସମ୍ପୃକ୍ତ ଶିକ୍ଷକ ଅବସର ଗ୍ରହଣ କରିବା ପରଠାରୁ ଉକ୍ତ ପଦବୀ ଏଯାଏ ଖାଲି ପଡ଼ିଛି।

-ସୁଧାଂଶୁ ପ୍ରଧାନ, ଭାରପ୍ରାପ୍ତ ପ୍ରଧାନଶିକ୍ଷକ, ମହେନ୍ଦ୍ର ହାଇସ୍କୁଲ

### ସରକାରୀସ୍ତରରେ ନିଯୁକ୍ତି ବ୍ୟବସ୍ଥା ରହିଛି

ଉଚ୍ଚ ପ୍ରାଥମିକ ଓ ହାଇସ୍କୁଲ ଛାତ୍ରୀଛାତ୍ରଙ୍କୁ ଚିତ୍ରକଳା ଶିକ୍ଷା ଦେବାକୁ ସରକାରଙ୍କ ପକ୍ଷରୁ ମଞ୍ଜୁରୀପ୍ରାପ୍ତ ଡ୍ରଇଂ ଶିକ୍ଷକ ନିଯୁକ୍ତି ଦିଆଯିବାର ବ୍ୟବସ୍ଥା ରହିଛି। କିନ୍ତୁ ପ୍ରାଥମିକ ସ୍କୁଲରେ ଡ୍ରଇଂ ଶିକ୍ଷକ ନିଯୁକ୍ତି ନେଇ ସରକାରୀସ୍ତରରେ କୌଣସି ବ୍ୟବସ୍ଥା ନାହିଁ।

-ତିଲୋତ୍ତମା ସାହୁ, ସିଆର୍‌ସିସି, ଆଠମଲ୍ଲିକ

### ଉପରୁ ନିର୍ଦ୍ଦେଶ ଆସିଲେ କାର୍ଯ୍ୟକାରୀ କରାଯିବ



ସ୍କୁଲଗୁଡ଼ିକରେ ଡ୍ରଇଂ ଶିକ୍ଷକ ନିଯୁକ୍ତି ଦେବା ବ୍ଲକ ଶିକ୍ଷା ଅଧିକାରୀଙ୍କ ଅଧିକାର ପରିସରରେ ନାହିଁ। ତେଣୁ ଏ ବାବଦରେ ଜିଲାସ୍ତରରୁ ଯେଉଁ ନିର୍ଦ୍ଦେଶ ଆସିବ ତାହାକୁ କାର୍ଯ୍ୟକାରୀ କରାଯିବ।

-ଦାଶରଥୀ ଶୁଣ୍ଢୀ, ବ୍ଲକ ଶିକ୍ଷା ଅଧିକାରୀ, ଆଠମଲ୍ଲିକ

## ହିଙ୍ଗୁଳା ପୀଠରେ ମହାଚଣ୍ଡୀ ଯଜ୍ଞ

**ତାଳଚେର, ୩।୧୧ (ନି.ପ୍ର.)**

ପବିତ୍ର କାର୍ତ୍ତିକ ପଞ୍ଚକର ଶୁଭ ଅବସରରେ ତାଳଚେରର ଅଧିଷ୍ଠାତ୍ରୀ ଦେବୀ ମା' ହିଙ୍ଗୁଳାଙ୍କ ଗୋପାଳପ୍ରସାଦ ପୀଠ ପରିସରରେ ପାଞ୍ଚ ଦିନ ବ୍ୟାପୀ ମହାଚଣ୍ଡୀ ଯଜ୍ଞ ଆରମ୍ଭ ହୋଇଛି। ଏହି ଅବସରରେ ବୁଧବାର ଅପରାହ୍ନରେ ଶତାଧିକ ଶ୍ରଦ୍ଧାଳୁ ନିକଟସ୍ଥ ସିଙ୍ଗଡା ନଦୀରୁ ପବିତ୍ର ଜଳ କଳସ ଆଣି ମା' ହିଙ୍ଗୁଳାଙ୍କ ପୀଠ ପରିସରରେ ଥିବା ଯଜ୍ଞମଣ୍ଡପରେ ସ୍ଥାପନ କରିଥିଲେ। ଏହାପରେ ପଣ୍ଡିତ ପୂର୍ଣ୍ଣଚନ୍ଦ୍ର ଶତପଥୀଙ୍କ ପୌରୋହିତ୍ୟରେ ଗୋପାଳ ଚନ୍ଦ୍ର ଷଡ଼ଙ୍ଗୀ, ସୁବାସ ଚନ୍ଦ୍ର ନନ୍ଦ, ଚନ୍ଦ୍ର ଶେଖର ମହାପାତ୍ର, ପବିତ୍ର ନାଥ, ମୀନକେତନ ମିଶ୍ର, ଉତ୍ପଳ ତ୍ରିପାଠୀ, ରାନୁରାଜ ପାଣି, ସୁନୀଲ ରଥ, ଅଶ୍ୱିନୀ ମିଶ୍ର, ମିଳନ ଦାଶ, ସୁରେଶ ଧର, ବୁଦ୍ଧଦେବ ଦ୍ୱିବେଦୀ, ହୃଦୟ ଚନ୍ଦ୍ର ଶତପଥୀ, କିଶୋର ଚନ୍ଦ୍ର ଦେହୁରୀ, ସୁବାସ ନନ୍ଦ ପ୍ରମୁଖ ଯଜ୍ଞକାର୍ଯ୍ୟ ପରିଚାଳନା କରୁଛନ୍ତି। ଯଜ୍ଞକର୍ତ୍ତା ଭାବରେ ସଞ୍ଜୟ କୁମାର ସାହୁ, ଅଞ୍ଜଳି ସାହୁ, ଲକ୍ଷ୍ମୀକାନ୍ତ ସାମଲ, ସୁକନ୍ୟା ସାମଲ ପ୍ରମୁଖ ଦାୟିତ୍ୱ ନିର୍ବାହ କରୁଛନ୍ତି। ଆସନ୍ତା ୭ ତାରିଖରେ ମା' ହିଙ୍ଗୁଳାଙ୍କ ଷୋଡଶ ଉପଚାର ପୂଜା, ସପ୍ତଶତୀ ମହାଚଣ୍ଡୀ ଯଜ୍ଞ ଓ ପୂର୍ଣ୍ଣାହୁତି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ମା' ହିଙ୍ଗୁଳା ଠାକୁରାଣୀ ଟ୍ରଷ୍ଟ ବୋର୍ଡର ସମସ୍ତ ସଦସ୍ୟଙ୍କ ସହ ଗୋପାଳପ୍ରସାଦ ଗ୍ରାମବାସୀ ଯଜ୍ଞକାର୍ଯ୍ୟରେ ସକ୍ରିୟ ସହଯୋଗ କରୁଛନ୍ତି।



ମା' ହିଙ୍ଗୁଳାଙ୍କ ପୀଠରେ ଯଜ୍ଞ କାର୍ଯ୍ୟ ଚାଲିଛି।

## ହାତୀ ଆକ୍ରମଣରେ ଯୁବକ ଗୁରୁତର

**କଣିହାଁ,୩।୧୧(ଡି.ଏନ.ଏ.)**

କଣିହାଁ ବ୍ଲକ ଦଲକ ପଞ୍ଚାୟତ ପୋଇପାଳ ଗ୍ରାମର ପ୍ରାଣବନ୍ଧୁ ସାହୁ (୩୦)ଗୁରୁବାର ପୂର୍ବାହ୍ନରେ ହାତୀ ଆକ୍ରମଣରେ ଗୁରୁତର ହୋଇଛନ୍ତି। ସେ କଣିହାଁ ଅଞ୍ଚଳରେ ଥିବା ଏକ କମ୍ପାନୀକୁ ଠିକା ଶ୍ରମିକ ଭାବେ କାର୍ଯ୍ୟ କରିବା ପାଇଁ ଆସୁଥିବାବେଳେ ଟିଟିରିମା ପୋଇପାଳ ରାସ୍ତାରେ ହାତୀ ହାବୁଡ଼ରେ ପଡ଼ିଥିଲେ। ଖବରପାଇ ପରିବାର ଲୋକ ଓ ସ୍ଥାନୀୟ ଲୋକେ ଉଦ୍ଧାର କରି ପ୍ରଥମେ କଣିହାଁ ମେଡିକାଲ ଏବଂ ପରେ ଏନ୍‌ଟିପିସି ମେଡିକାଲରେ ଭର୍ତ୍ତି କରିଥିଲେ। ସେଠାରୁ ତାଙ୍କୁ ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। କଣିହାଁ ବନାଞ୍ଚଳ ଅଧିକାରୀ ନୀଳମଣି ଦେହୁରୀ କହିଛନ୍ତି, ଚିକିତ୍ସା ପରେ ଯୁବକଙ୍କ ସ୍ୱାସ୍ଥ୍ୟବସ୍ଥା ବିପଦମୁକ୍ତ ରହିଛି। ସରକାରୀ ନିୟମକୁ ନେଇ କ୍ଷତିପୂରଣ ପ୍ରଦାନ କରାଯିବ।

## ତାମଡା ଅଧ୍ୟକ୍ଷ ଭାବେ ଦାୟିତ୍ୱ ନେଲେ ଅବନୀକାନ୍ତ



ଅନୁଗୋଳ ସହରସ୍ଥିତ ବିଜୁ ମୈଦାନରେ ଅବନୀକାନ୍ତଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଉଛି।

**ଅନୁଗୋଳ ଅଫିସ, ୩।୧୧**

ତାଳଚେର–ଅନୁଗୋଳ–ମେରାମଣ୍ଡଳୀ ଉନ୍ନୟନ କର୍ତ୍ତୃପକ୍ଷ (ତାମଡା)ର ଅଧ୍ୟକ୍ଷ ଭାବେ ପାଲଲହଡ଼ାର ବରିଷ୍ଠ ବିଜେଡି ନେତା ଅବନୀକାନ୍ତ ସାହୁ ଗୁରୁବାର ଦାୟିତ୍ୱ ଗ୍ରହଣ କରିଛନ୍ତି। ଦାୟିତ୍ୱ ଗ୍ରହଣ ସମୟରେ ଢେଙ୍କାନାଳ ଏମ୍‌ପି ମହେଶ ସାହୁ, ଅନୁଗୋଳ ବିଧାୟକ ରଜନୀକାନ୍ତ ସିଂହ, ବିଜେଡି ଜିଲା ସଭାପତି ମହେନ୍ଦ୍ର ବସ୍ତିଆ, ଯୁବ ବିଜେଡି ଜିଲା ସଭାପତି ଦିନେଶ ପ୍ରଧାନ, ଅନୁଗୋଳ ନଗରପାଳ ଅକ୍ଷୟ କୁମାର ସାମନ୍ତ, ପୂର୍ବତନ ନଗରପାଳ ଭକ୍ତି ପ୍ରସାଦ ଦାସ, ପୂର୍ଣ୍ଣଚନ୍ଦ୍ର ରାଉତ, ସୁକାନ୍ତି ଦାସ, କଣିହାଁ ବ୍ଲକ ଅଧ୍ୟକ୍ଷ ରାମକୃଷ୍ଣ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ପାଲଲହଡାରୁ ଏକ ବିରାଟ ଶୋଭାଯାତ୍ରାରେ ଅବନୀକାନ୍ତ ତାମଡା କାର୍ଯ୍ୟାଳୟ ଯାଏ ଆସିଥିଲେ। ତାଳଚେରର ହିଙ୍ଗୁଳା ମନ୍ଦିରଠାରେ ବିଧାୟକ ବ୍ରଜକିଶୋର ପ୍ରଧାନଙ୍କ ଉପସ୍ଥିତିରେ ମା' ହିଙ୍ଗୁଳାଙ୍କ ଦର୍ଶନ କରିଥିଲେ। ସେଠାରେ ତାଳଚେର ବିଜେଡି ପକ୍ଷରୁ ତାଙ୍କୁ ବିପୁଳ ସମ୍ବର୍ଦ୍ଧନା ଦିଆଯାଇଥିଲା। ସେହିପରି ବିଜୁ ଯୁବ ଜନତା ଦଳ ପକ୍ଷରୁ ଅନୁଗୋଳ ଡିଆଇସି ଛକଠାରେ ସ୍ୱାଗତ ସମ୍ବର୍ଦ୍ଧନା ଜଣାଯାଇଥିଲା।

## ଦାବି ପୂରଣ ନ ହେଲେ ରାଜ୍ୟବ୍ୟାପୀ ପ୍ରତିବାଦ

**ତାଳଚେର, ୩।୧୧ (ନି.ପ୍ର.)**

### ୭ମ ଦିନରେ ଓକିଲ ସଂଘର କାର୍ଯ୍ୟବନ୍ଦ ଆନ୍ଦୋଳନ

ତାଳଚେର ଓକିଲ ସଂଘର ମଧୁବାବୁ ସମ୍ମିଳନୀ କକ୍ଷରେ ଗୁରୁବାର ଏକ ଜରୁରୀ ବୈଠକ ସଂଘ ସଭାପତି ସନ୍ତୋଷ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି ସଭାରେ ଓକିଲମାନେ ଗତ ୨୮ ତାରିଖରୁ କରିଆସୁଥିବା କାର୍ଯ୍ୟବନ୍ଦ ଆନ୍ଦୋଳନ ସମ୍ପର୍କରେ ଆଲୋଚନା କରାଯାଇଥିଲା। ଏଥିରେ କୁହାଯାଇଥିଲା ଯେ, ଅନୁଗୋଳ ଜିଲାର ସମସ୍ତ ବାର୍ ଆସୋସିଏଶନ୍ ତାଳଚେର ଓକିଲ ସଂଘକୁ ସମର୍ଥନ ଦେବା ସହ ପୋଲିସର ମାତ୍ରାଧିକ କାର୍ଯ୍ୟକଳାପ ପାଇଁ ନିନ୍ଦା ପ୍ରସ୍ତାବମାନ ଦେଇଛନ୍ତି। ଏହାକୁ ମଧ୍ୟ ହାଇକୋର୍ଟ ବାର୍ ଆସୋସିଏଶନ୍, ଅଲ୍ ଓଡ଼ିଶା ଲୟର୍ସ ଆସୋସିଏଶନ୍ ସମର୍ଥନ ଜଣାଇ ନିନ୍ଦା ପ୍ରସ୍ତାବ ଆଗତ କରିଛନ୍ତି। ଯଦି ଓକିଲ ସଂଘର କାର୍ଯ୍ୟକର୍ତ୍ତା ଓ ପୂର୍ବତନ କାର୍ଯ୍ୟକର୍ତ୍ତାଙ୍କ ବିରୋଧରେ ହୋଇଥିବା ମିଥ୍ୟା ମକଦ୍ଦମା ପ୍ରତ୍ୟାହାର କରା ନ ଯାଏ ଏବଂ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଯାଏ, ତା'ହେଲେ ଆନ୍ଦୋଳନ ଚାଲୁ ରହିବ ବୋଲି ବୈଠକରେ ନିଷ୍ପତ୍ତି ନିଆଯାଇଥିଲା। ଶୀଘ୍ର ଦାବି ପୂରଣ ନ ହେଲେ ଆନ୍ଦୋଳନକୁ ରାଜ୍ୟବ୍ୟାପୀ ତୀବ୍ରତର କରାଯିବ ଏବଂ ଆବଶ୍ୟକ ପଡିଲେ ଓଡ଼ିଶା ବନ୍ଦ ଡାକରା ଦିଆଯିବ ବୋଲି ସ୍ଥିର କରାଯାଇଥିଲା। ଏହି ବୈଠକରେ ବରିଷ୍ଠ ସଭ୍ୟ ଅରୁଣ ଶଙ୍କର ମିଶ୍ର, ଯଦୁମଣି ସାହୁ, ହରେକୃଷ୍ଣ ପାତ୍ର, ଅନୁପ ସେନଗୁପ୍ତା, ଭବେଶ ମିଶ୍ର, ପେସ୍କାର ଗଡନାୟକ, କୁମୁଦ ମିଶ୍ର, ବନବିହାରୀ ମହାପାତ୍ର, ଛବି କୁମାର ସାହୁ, ଶମ୍ଭୁନାଥ ବେହେରା, ମାନସ ପରିଡା, ଅଖିଳ ସାମଲ, ସନ୍ତୋଷ ଦେହୁରୀ, ପ୍ରଭାତିନୀ ଆଚାର୍ଯ୍ୟ, ଅଜୟ ମିଶ୍ର, ଗିରିଜା ଶଙ୍କର ମିଶ୍ର, ରଞ୍ଜିତ ଘୋଷ, ଦୟା ସାଗର ମିଶ୍ର, ରଶ୍ମିରଞ୍ଜନ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ସାଧାରଣ ସମ୍ପାଦକ ଦୀନବନ୍ଧୁ ସାହୁ ପ୍ରସ୍ତାବକୁ ସମର୍ଥନ ଦେଇଥିବାବେଳେ ଉପସଭାପତି ମାନସ ରଞ୍ଜନ ଶତପଥୀ ଧନ୍ୟବାଦ ଜଣାଇଥିଲେ। ସହ ସମ୍ପାଦକ ଚିନ୍ମୟ ରାୟ, ଅଡିଟର ବବିତା ଦାସ, କୋଷାଧ୍ୟକ୍ଷ କରୁଣାକର ନାୟକ ଓ ସାଂସ୍କୃତିକ ସମ୍ପାଦକ ରାଜେନ୍ଦ୍ର ସିଂ ସଭା ପରିଚାଳନାରେ ସହଯୋଗ କରିଥିଲେ।



ବୈଠକରେ ଉପସ୍ଥିତ କର୍ମକର୍ତ୍ତାମାନେ।

## କାର୍ତ୍ତିକେଶ୍ୱର ପୂଜା ପାଇଁ କଳସଯାତ୍ରା



**ବଇଣ୍ଡା,୩।୧୧(ଡି.ଏନ.ଏ.)**

କିଶୋରନଗର ବ୍ଲକ ବଇଣ୍ଡାଠାରେ କାର୍ତ୍ତିକେଶ୍ୱର ପୂଜା ଅନୁଷ୍ଠିତ ହେବ। ଏ ନେଇ ବଇଣ୍ଡା ଗ୍ରାମବାସୀଙ୍କ ପକ୍ଷରୁ ଗୁରୁବାର କଳସ ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ୩ ଶହ ମହିଳା ବଇଣ୍ଡା ଚନ୍ଦନ ପୋଖରୀରୁ କଳସରେ ପାଣି ଆଣି ପୂଜା ମଣ୍ଡପରେ ସ୍ଥାପନ କରିଥିଲେ। ପୂଜା କମିଟି ପକ୍ଷରୁ ଏହି ଶୋଭାଯାତ୍ରା ଆୟୋଜନ କରାଯାଇଥିଲା। ଚନ୍ଦନ ପୋଖରୀରେ ପୂଜକ ବସନ୍ତ ମିଶ୍ର ଯଥାରୀତିରେ ପୂଜା କରିବା ପରେ ମହିଳାମାନେ କଳସରେ ପାଣି ଆଣିଥିଲେ। ପୂଜା କମିଟିର ସମସ୍ତ କର୍ମକର୍ତ୍ତା ସହଯୋଗ କରିଥିଲେ।

## ଫରେଷ୍ଟ ଗାର୍ଡଙ୍କୁ ଦଳିଦେଲା ହାତୀ

**ଅନୁଗୋଳ ଅଫିସ,୩।୧୧**

ଅନୁଗୋଳ ଜିଲା ବଅଁରପାଳ ବ୍ଲକ କୁଲାଡ଼ ଗ୍ରାମରେ ଗୁରୁବାର ରାତିରେ ପ୍ରବେଶ କରିଥିବା ୩୦ରୁ ଊର୍ଦ୍ଧ୍ୱ ହାତୀ ସେଠାରେ ଆତଙ୍କ ଖେଳାଇ ଦେଇଛନ୍ତି। ଏପରି କି ଘଉଡ଼ାଇବା ବେଳେ ଜଣେ ଫରେଷ୍ଟ ଗାର୍ଡଙ୍କୁ ହାତୀ ପଲ ଦଳି ମାରିଦେଇଥିବା ସୂଚନା ମିଳିଛି। ଏହାକୁ ନେଇ ଗାଁରେ ତୀବ୍ର ଉତ୍ତେଜନା ସୃଷ୍ଟି ହୋଇଛି। ମୃତ ଗାର୍ଡଙ୍କ ପରିବାର ଲୋକେ ନ ଆସିବା ପର୍ଯ୍ୟନ୍ତ ସେଠାରୁ ମୃତଦେହ ଛଡ଼ାଯିବ ନାହିଁ ବୋଲି ଗ୍ରାମବାସୀ ଜିଦ୍ ଧରିଛନ୍ତି।

ପ୍ରକାଶ ଯେ, ତାଳଚେର ରେଞ୍ଜ ବନ୍ଧାପଟରୁ ଏହି ହାତୀପଲ କୁଲାଡ଼ ଗାଁ ଭିତରକୁ ପଶିଆସିଛନ୍ତି। ଏତେ ସଂଖ୍ୟାରେ ହାତୀଙ୍କୁ ଦେଖି ଗ୍ରାମବାସୀ ଭୟଭୀତ ହୋଇପଡ଼ିଛନ୍ତି। ଆକ୍ରମଣରୁ ବର୍ତ୍ତିବା ପାଇଁ ଅନେକ ଲୋକ କୋଠାଘର ଛାତ ଉପରେ ରାତି କାଟୁଥିବା ଜଣାପଡ଼ିଛି।



ଖବରପାଇ ଅନୁଗୋଳ ବନ ବିଭାଗର ୬ରୁ ୮ ଜଣ କର୍ମଚାରୀ କୁଲାଡ଼ରେ ପହଞ୍ଚି ତଡ଼ିବାକୁ ଚେଷ୍ଟା କରିବାବେଳେ ହାତୀ ଜଣେ ଗାର୍ଡଙ୍କୁ ଦଳି ମାରିଦେଇଛି। ମୃତ ଫରେଷ୍ଟ ଗାର୍ଡଙ୍କ ଘର ତାଳଚେର ଥାନା ଅଞ୍ଚଳରେ ବୋଲି ଜଣାପଡ଼ିଛି। ଏହି ଅଘଟଣ ପରେ ବନ କର୍ମଚାରୀମାନେ ଗାର୍ଡଙ୍କ ମୃତଦେହ ଧରି ଘଟଣାସ୍ଥଳରୁ ପଳାଇ ଆସିବାକୁ ଉଦ୍ୟମ କରିଥିଲେ ହେଁ ଗ୍ରାମବାସୀ ସେମାନଙ୍କୁ ଛାଡ଼ିନାହାନ୍ତି। ମୃତକଙ୍କ ପରିବାର ଲୋକେ ଆସିବା ପରେ ମୃତଦେହ ହସ୍ତାନ୍ତର କରାଯିବ ବୋଲି କୁଲାଡ଼ବାସୀ ଅଡ଼ି ବସିଛନ୍ତି। ଏ ସମ୍ପର୍କରେ ଅନୁଗୋଳ ଡିଏଫ୍ଓ ବିବେକ କୁମାରଙ୍କୁ ବାରମ୍ବାର ଯୋଗାଯୋଗ କରାଯାଇଥିଲେ ମଧ୍ୟ ମତାମତ ମିଳିପାରି ନାହିଁ।

## ଦୁର୍ନୀତି ନିବାରଣ ଶପଥପାଠ

**ଅନୁଗୋଳ ଅଫିସ, ୩।୧୧**

ଦୁର୍ନୀତି ନିବାରଣ ସପ୍ତାହ ପାଳନ ଅବସରରେ ବୁଧବାର ଅନୁଗୋଳ ଜିଲା ପରିଷଦ କାର୍ଯ୍ୟାଳୟର ସମ୍ମିଳନୀ କକ୍ଷଠାରେ ଏକ ଶପଥପାଠ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜିଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ଲଳିତ ମୋହନ ବେହେରା ନିଜ କାର୍ଯ୍ୟାଳୟର କର୍ମଚାରୀମାନଙ୍କୁ ଦୁର୍ନୀତି ନିବାରଣ ନିମନ୍ତେ ଶପଥ ପାଠ କରାଇଥିଲେ। ସେହିପରି ମିଶନ ଶକ୍ତି ବିଭାଗ ତରଫରୁ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଏବଂ ବ୍ଲକ ମହାସଂଘର ସଦସ୍ୟମାନଙ୍କୁ ନେଇ ଏକ ସଚେତନତା ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏହାକୁ ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ।




ଜିଲା ପରିଷଦ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷଠାରେ ଅଧିକାରୀ ଓ କର୍ମଚାରୀମାନେ ଶପଥ ପାଠ କରୁଛନ୍ତି।

ଏଥିରେ ଜିଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ଲଳିତ ମୋହନ ବେହେରା, ଉପ ଆରକ୍ଷୀ ଅଧୀକ୍ଷକ (ଭିଜିଲାନ୍ସ) ସୋମନାଥ ବାରିକ, ଜିଲା ପ୍ରକଳ୍ପ ସଂଯୋଜକ (ମିଶନ ଶକ୍ତି) ବସନ୍ତ କୁମାର ମଲ୍ଲିକ ଏବଂ ଜିଲା ପ୍ରକଳ୍ପ ପରିଚାଳକ ଚନ୍ଦନ ବେହେରାଙ୍କ ସମେତ ବିଭାଗୀୟ ଜିଲାସ୍ତରୀୟ ଓ ବ୍ଲକସ୍ତରୀୟ ଅଧିକାରୀମାନେ ଅଂଶଗ୍ରହଣ କରିଥିଲେ। ସେହିପରି ପିଟିସି ଉଚ୍ଚ ବିଦ୍ୟାଳୟର ଛାତ୍ରୀଛାତ୍ରମାନଙ୍କୁ ନେଇ ଏକ ଶୋଭାଯାତ୍ରା ଦୁର୍ନୀତି ନିବାରଣ କାର୍ଯ୍ୟାଳୟରୁ ବାହାରିଥିଲା। ଏହି ରାଲିରେ ଉପ ଆରକ୍ଷୀ ଅଧୀକ୍ଷକ (ଭିଜିଲାନ୍ସ) ଏବଂ ବିଭାଗୀୟ କର୍ମଚାରୀମାନେ ଯୋଗ ଦେଇଥିଲେ।




ମ୍ୟାଚର ଶ୍ରେଷ୍ଠ ଖେଳାଳି ତଥା ମୁମ୍ବାଇ ଦଳର ଜୟଙ୍କୁ ପୁରସ୍କୃତ କରାଯାଉଛି। ଏଆଇଏଫ୍‌ଏଫ୍‌ ସଭାପତି କଲ୍ୟାଣ ଚୌବେ, ଚଳଚ୍ଚିତ୍ର ଅଭିନେତ୍ରୀ ଅର୍ଚ୍ଚିତା, ଅଭିନେତା ସବ୍ୟସାଚୀ ଏବଂ ଆମେ ଓଡ଼ିଆ ସଂଗଠନ ସମ୍ପାଦକ ସଂଗ୍ରାମ ରାଉତ ଉପସ୍ଥିତ।

# ଯୋଡ଼ିହେବେ ୨.୫ କୋଟି ପିଲା

**ଢେଙ୍କାନାଳ ଅଫିସ, ୩।୧୧**

ଏବେକାର ପିଲା ଇଣ୍ଟରନେଟ୍‌ ଓ ଟେଲିଭିଜନ ମଧ୍ୟରେ ଅଟକିଯାଉଛନ୍ତି। ସେମାନଙ୍କୁ ପଢ଼ିଆକୁ ଆଣିବା ଏବଂ ବିଭିନ୍ନ ଖେଳରେ ସାମିଲ କରିବାକୁ ପ୍ରୟାସ ଆରମ୍ଭ ହୋଇଛି। ଫୁଟ୍‌ବଲ ଖେଳକୁ ପ୍ରୋତ୍ସାହିତ କରିବା ଲାଗି ସାରା ଦେଶରେ ୧୦ ଲକ୍ଷ ବଲ୍‌ ବଣ୍ଟାଯିବ। ଏହା ମାଧ୍ୟମରେ ୨.୫ କୋଟି ଛାତ୍ରୀଛାତ୍ର ଯୋଡ଼ିହେବେ ବୋଲି କହିଛନ୍ତି କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଓ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ଢେଙ୍କାନାଳ ଷ୍ଟାଡିୟମ୍‌ରେ ଗୁରୁବାରଠାରୁ ଆରମ୍ଭ ହୋଇଥିବା ପ୍ରଥମ ବାଜି ରାଉତ କପ୍‌ ଜାତୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟକୁ ଉଦ୍‌ଘାଟନ କରି ସେ ଏହି ସୂଚନା ଦେଇଛନ୍ତି। ସେ ଆହୁରି ମଧ୍ୟ କହିଲେ, ଜବାହର ନବୋଦୟ ବିଦ୍ୟାଳୟ ମାଧ୍ୟମରେ ଦେଶର ସବୁ ଜିଲାର ସରକାରୀ ଓ ବେସରକାରୀ ସ୍କୁଲକୁ ଫୁଟ୍‌ବଲ ବଣ୍ଟନ କରାଯିବ। ଆଗାମୀ ଦିନରେ ମହିଳା ଓ ପୁରୁଷଙ୍କୁ

## ସାରା ଦେଶରେ ବଣ୍ଟାଯିବ ୧୦ ଲକ୍ଷ ଫୁଟ୍‌ବଲ

ନେଇ ବିଶ୍ୱବିଦ୍ୟାଳୟସ୍ତରୀୟ ଫୁଟ୍‌ବଲ ପ୍ରତିଯୋଗିତା ଆୟୋଜନ କରିବା ପାଇଁ ଯୋଜନା ଚାଲିଛି। ଏହି ଖେଳରେ ମହିଳାଙ୍କୁ ଅଗ୍ରାଧିକାର ଦିଆଯିବ। ଅନ୍ତର୍ଜାତୀୟ ଫୁଟ୍‌ବଲ ମହାସଂଘ (ଫିଫା), ସର୍ବଭାରତୀୟ ଫୁଟବଲ ମହାସଂଘ (ଏଆଇଏଫ୍‌ଏଫ୍‌) ସହଯୋଗରେ 'ଫୁଟବଲ୍‌ ଫର୍‌ ସ୍କୁଲ' କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ଖେଲୋ ଇଣ୍ଡିଆ ଅଭିଯାନ, ଫିଟ୍‌ ଇଣ୍ଡିଆ ମାଧ୍ୟମରେ କ୍ରୀଡ଼ାକୁ ପ୍ରୋତ୍ସାହନ ଦିଆଯାଉଛି। ଯୁବତୀଯୁବକମାନେ ଫୁଟ୍‌ବଲ, କ୍ରିକେଟ, ଆଥ୍‌ଲେଟିକ୍ସ, ହକି, ଭଲିବଲ୍‌, ରଗ୍‌ବୀ, କବାଡ଼ି, ଖୋଖୋ ଭଳି କ୍ରୀଡ଼ାରେ ଭାଗନେବାକୁ ପଡ଼ିଆକୁ ଓହ୍ଲାନ୍ତୁ ବୋଲି କେନ୍ଦ୍ରମନ୍ତ୍ରୀ ଆହ୍ୱାନ ଦେଇଛନ୍ତି।

ସ୍ୱାଧୀନତାର ଅମୃତ ମହୋତ୍ସବ ଅବସରରେ ସର୍ବକନିଷ୍ଠ ଶହୀଦ ବାଜି ରାଉତଙ୍କ ସ୍ମୃତିରେ ଏହି ଜାତୀୟସ୍ତରୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟ ଆୟୋଜନ କରାଯାଉଛି ବୋଲି ଧର୍ମେନ୍ଦ୍ର ସୂଚନା ଦେଇଥିଲେ। ଏଥିସହ ଶହୀଦ ବାଜିଙ୍କୁ ସେ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ।

କାର୍ଯ୍ୟକ୍ରମରେ ଏମ୍‌ପି ମହେଶ ସାହୁ, ଏଆଇଏଫ୍‌ଏଫ୍‌ ସଭାପତି କଲ୍ୟାଣ ଚୌବେ, ଜିଲାପାଳ ସରୋଜ କୁମାର ସେଠୀ, ପୌରାଧ୍ୟକ୍ଷା ଜୟନ୍ତୀ ପାତ୍ର, ପୂର୍ବତନ ମନ୍ତ୍ରୀ ନବୀନଚନ୍ଦ୍ର ନାରାୟଣ ଦାସ, ଅଞ୍ଜଳି ବେହେରା, ପୂର୍ବତନ ରାଜ୍ୟ ସଭା ସଦସ୍ୟ ରୁଦ୍ରନାରାୟଣ ପାଣି, ପୂର୍ବତନ ବିଧାୟକ କୃଷ୍ଣଚନ୍ଦ୍ର ପାତ୍ର, ଜିଲା କ୍ରୀଡ଼ା ସଂଘ ସମ୍ପାଦକ ନଳିନୀ କୁମାର ଦାସ, ଫୁଟବଲ ଅକାସୋସିଏଶନ ଯୁଗ୍ମ ସମ୍ପାଦକ ଅଭିଜିତ ପାଲ୍‌ ପ୍ରମୁଖ ଯୋଗ ଦେଇଥିଲେ। ନରେଶ ଚନ୍ଦ୍ର ମହାପାତ୍ର, ସୁନୀଲ ଶର୍ମା, ରାମଚନ୍ଦ୍ର ପାତ୍ର, ମହିମା ଯଶୋବନ୍ତ, ବିଷ୍ଣୁ ପ୍ରସାଦ ଲେଙ୍କା, ନବକିଶୋର ଗୁରୁ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।






କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ଏମ୍‌ପି ମହେଶ ସାହୁ ଓଡ଼ିଶା ଖେଳାଳିଙ୍କ ସହ କରମର୍ଦ୍ଦନ କରୁଛନ୍ତି।



ଉଦ୍‌ଘାଟନୀ ମ୍ୟାଚ୍‌ ଦେଖିବାକୁ ଢେଙ୍କାନାଳ ଷ୍ଟାଡିୟମ୍‌ରେ ଦର୍ଶକଙ୍କ ଭିଡ଼।

# ଶପଥ ନେଲେ ଛାତ୍ରୀଛାତ୍ର

**ଆଠମଲ୍ଲିକ,୩।୧୧(ଡି.ଏନ.ଏ.)**

ଅନୁଗୋଳ ଜିଲା ଆଠମଲ୍ଲିକ ମହାବିଦ୍ୟାଳୟ ପରିସରରେ ଗୁରୁବାର ଜାତୀୟ ଜନସଚେତନତା ସପ୍ତାହ ଉପଲକ୍ଷେ ଏକ ନାଗରିକତାର ଶପଥ ପାଠ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟ ଅଧ୍ୟକ୍ଷ ଆଦିତ୍ୟ କୁମାର ସାହୁ ଉକ୍ତ କାର୍ଯ୍ୟକ୍ରମରେ ସଭାପତିତ୍ୱ କରି ଦୈନନ୍ଦିନ ଜୀବନରେ ବିଭିନ୍ନ କ୍ଷେତ୍ରରେ ଆବଶ୍ୟକ କରୁଥିବା ଆତ୍ମସଚେତନତା ଉପରେ ସଂକ୍ଷିପ୍ତ ବିବରଣୀ ଉପସ୍ଥାପନ କରିଥିଲେ। ଏଥି ସହିତ ସମସ୍ତ କର୍ମକର୍ତ୍ତା ଏବଂ ଛାତ୍ରୀଛାତ୍ରଙ୍କୁ ଦୁର୍ନୀତି ବିରୋଧରେ ସ୍ୱର ଉତ୍ତୋଳନ କରିବାକୁ ଶପଥ ପାଠ କରାଇଥିଲେ। ମହାବିଦ୍ୟାଳୟର ସମସ୍ତ ଅଧ୍ୟାପିକା, ଅଧ୍ୟାପକ, ଛାତ୍ରୀଛାତ୍ର ଏବଂ କର୍ମଚାରୀ ଉପସ୍ଥିତ ଥିଲେ।



ଛାତ୍ରୀଛାତ୍ର, କର୍ମଚାରୀମାନେ ଶପଥପାଠ କରୁଛନ୍ତି।



କାର୍ଯ୍ୟକ୍ରମରେ କ୍ଲବର କାର୍ଯ୍ୟକର୍ତ୍ତାଙ୍କ ସମେତ ଗୋବିନ୍ଦପୁର ଜରାନିବାସର ଅନ୍ତେବାସୀମାନେ।

# ଇନରହ୍ୱିଲ୍‌ କପିଳାସର ସାମାଜିକ କାର୍ଯ୍ୟକ୍ରମ

**ଢେଙ୍କାନାଳ ଅଫିସ, ୩।୧୧**

ଢେଙ୍କାନାଳ ଜିଲା ଇନରହ୍ୱିଲ୍‌ କ୍ଲବ କପିଳାସ ଶାଖା ପକ୍ଷରୁ ବୁଧବାର ସାମାଜିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସଙ୍ଗଠନର ଅଧ୍ୟକ୍ଷା ଦୀପ୍ତିବାଳା ମିଶ୍ରଙ୍କ ନେତୃତ୍ୱରେ ଚେୟାରମ୍ୟାନ ଟି. ଚିରଞ୍ଜିବୀ ଯୋଗଦେଇ ଗୋବିନ୍ଦପୁର ଜରାନିବାସରେ ସ୍ୱଚ୍ଛ ନିର୍ମଳ ଜଳ ପ୍ରକଳ୍ପର ଲୋକାର୍ପଣ କରିଥିଲେ। ଏଥିସହ ଅନ୍ତେବାସୀଙ୍କୁ ଚାଦର ବଣ୍ଟନ କରିଥିଲେ। ଏହି ଉପଲକ୍ଷେ ଶିଶୁ ଭବନକୁ ଏକ ସାନିଟାରୀ ନାପ୍‌କିନ ଡିସପୋଜାଲ ମେଶିନ ପ୍ରଦାନ କରାଯାଇଥିଲା। ସ୍ଥାନୀୟ ଏକ ହୋଟେଲରେ ଆୟୋଜିତ ସଭାରେ ୨ ମେଧାବୀ ଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଛାତ୍ରୀ ରାନୀ ପ୍ରଧାନଙ୍କୁ ଆର୍ଥିକ ସହାୟତା ଦିଆଯାଇଥିଲା। ଅତିଥିମାନେ ଅନୁଷ୍ଠାନର ବାର୍ଷିକ ପତ୍ରିକାର ଦ୍ୱିତୀୟ ସଂସ୍କାର ସାଧନାକୁ ଉନ୍ମୋଚନ କରିଥିଲେ। ଉପାଧ୍ୟକ୍ଷା ମନୋଜ ମଞ୍ଜରୀ ନନ୍ଦ ସମସ୍ତ କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ବହୁ ସଦସ୍ୟ ଏଥିରେ ସହଯୋଗ କରିଥିଲେ।

# ୨୭ରେ ଜିଲା ଲେଖକ ସଂସଦ ବାର୍ଷିକ ଉତ୍ସବ

**ଢେଙ୍କାନାଳ ଅଫିସ, ୩।୧୧**

ଢେଙ୍କାନାଳ ଜିଲା ଲେଖକ ସଂସଦର ୪୩ତମ ବାର୍ଷିକ ଉତ୍ସବ ଆସନ୍ତା ୨୭ ତାରିଖରେ ଅନୁଷ୍ଠିତ ହେବ। ଏ ନେଇ ଏକ ପ୍ରସ୍ତୁତି ବୈଠକ ସାରଙ୍ଗଧର ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ସଂସଦର ପୃଷ୍ଠପୋଷକ କଳ୍ପନାମୟୀ ଦାଶ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏକ ଓଲ୍‌ଡ ଏଜ୍‌ କେୟାର ସେଣ୍ଟର ଖୋଲିବା ପାଇଁ ପ୍ରସ୍ତାବ ଦେଇଥିଲେ। ଚଳିତବର୍ଷ ଡ. ସରୋଜିନୀ ଷଡ଼ଙ୍ଗୀଙ୍କୁ 'କବି ବ୍ରଜନାଥ ବଡ଼ଜେନା ସାହିତ୍ୟ ସମ୍ମାନ', ଶଙ୍କର୍ଷଣ ଶତପଥୀଙ୍କୁ 'ଶାଣ୍ଡିଲ୍ୟ ବସନ୍ତ ଶିକ୍ଷା ଗୌରବ ସମ୍ମାନ', ଅସୀମା ପଣ୍ଡାଙ୍କୁ 'ରାଜା ଭଗୀରଥ କଳା ସମ୍ମାନ', ଗଗନ ବିହାରୀ ନନ୍ଦଙ୍କୁ 'ସାରଙ୍ଗଧର ସେବା ସମ୍ମାନ', ଡ. ପ୍ରଫୁଲ୍ଲ କୁମାର ପାଣିଙ୍କୁ 'ଶ୍ରୀଧର ସ୍ୱାମୀ ସାହିତ୍ୟ ସମ୍ମାନ' ଦୀପ୍ତିଶ ପ୍ରସାଦ ପଟ୍ଟନାୟକଙ୍କୁ 'ସଚ୍ଚିଦାନନ୍ଦ ଦାସ ବରିଷ୍ଠ ଆଇନ ସମ୍ମାନ', ତାପସୀ ମିଶ୍ରଙ୍କୁ 'ରାଜ୍ୟ ଶ୍ରେଷ୍ଠ କଳାକାର ସମ୍ମାନ', ରୀନା ରାଉତରାୟଙ୍କୁ 'ବିଶିଷ୍ଟ ସମାଜସେବୀ ସମ୍ମାନ'ରେ ସମ୍ମାନିତ କରାଯିବା ପାଇଁ ନିଷ୍ପତ୍ତି ହୋଇଛି। ଦୀପ୍ତିମୟୀ ଲେଙ୍କା ବିଭୁବନ୍ଦନା କରିଥିବାବେଳେ ହୃଦାନନ୍ଦ ଦ୍ୱିବେଦୀ ଧନ୍ୟବାଦ ଦେଇଥିଲେ।



ବୈଠକରେ ଜିଲା ଲେଖକ ସଂସଦର କାର୍ଯ୍ୟକର୍ତ୍ତାମାନେ।

# ସାହିତ୍ୟ ସାଧକଙ୍କ ଅବଦାନ ଅନସ୍ୱୀକାର୍ଯ୍ୟ




**ଢେଙ୍କାନାଳ ଅଫିସ, ୩।୧୧**

## ରାଜ୍ୟସ୍ତରୀୟ ସାହିତ୍ୟ ପାଠଚକ୍ର

ଓଡ଼ିଆ ଭାଷା ପ୍ରତିଷ୍ଠାନ ଏବଂ ସ୍ନାତକୋତ୍ତର ଓଡ଼ିଆ ଭାଷା ସାହିତ୍ୟ ବିଭାଗର ମିଳିତ ଆନୁକୂଲ୍ୟରେ ଗୁରୁବାର ଢେଙ୍କାନାଳ ସ୍ୱୟଂଶାସିତ ମହାବିଦ୍ୟାଳୟରେ ରାଜ୍ୟସ୍ତରୀୟ ସାହିତ୍ୟ ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ପ୍ରଫେସର ରଞ୍ଜିତ କୁମାର ପ୍ରଧାନ ଏହାକୁ ଉଦ୍‌ଘାଟନ କରିଥିଲେ। ମୁଖ୍ୟ ଅତିଥି ଭାବେ ବିଶିଷ୍ଟ ଭାଷାବିତ୍‌ ତଥା ସ୍ତମ୍ଭକାର ପଣ୍ଡିତ ଅନ୍ତର୍ଯ୍ୟାମୀ ମିଶ୍ର ଯୋଗଦେଇ ସ୍ୱାଧୀନତା ଆନ୍ଦୋଳନରେ ଜିଲାର ସାହିତ୍ୟ ସାଧକଙ୍କ ଅବଦାନ ସମ୍ପର୍କରେ ଆଲୋକପାତ କରିଥିଲେ। ମୁଖ୍ୟ ଆଲୋଚକ ଭାବେ ଡ. ବିଜୟାନନ୍ଦ ସିଂ, ପ୍ରଭାତ କୁମାର ନନ୍ଦ ଯୋଗଦେଇ ଓଡ଼ିଆ ସାହିତ୍ୟରେ ସ୍ୱାଧୀନତା ଆନ୍ଦୋଳନର ସ୍ୱର ସମ୍ପର୍କରେ ଆଲୋଚନା କରିଥିଲେ। ପ୍ରତିଷ୍ଠାନର ସଂଯୋଜକ ଡ. ଫଣିନ୍ଦ୍ର ଭୂଷଣ ନନ୍ଦ କାର୍ଯ୍ୟକ୍ରମ ଆଭିମୁଖ୍ୟ ସମ୍ପର୍କରେ ମତ ରଖିଥିଲେ। ପ୍ରେମାନନ୍ଦ ମହାପାତ୍ର ପାଠଚକ୍ରର ଆଲୋଚିତ ହୋଇଥିବା ପ୍ରସଙ୍ଗ ଉପରେ ସମୀକ୍ଷା କରିଥିଲେ। ଓଡ଼ିଆ ଭାଷା ପ୍ରତିଷ୍ଠାନ ନିର୍ଦ୍ଦେଶକ ରଞ୍ଜନ କୁମାର ଦାସ ଛାତ୍ରୀଛାତ୍ରଙ୍କ ମନରେ ମାତୃଭାଷାର ସୁରକ୍ଷା ଓ ଭାଷାଜ୍ଞାନର ଅଭିବୃଦ୍ଧି ଉପରେ ଗୁରୁତ୍ୱ ଦେଇଥିଲେ। ଏହି ଅବସରରେ ବିଭାଗ ଦ୍ୱାରା ଆୟୋଜିତ ଓଡ଼ିଆ ପ୍ରବନ୍ଧ, ତର୍କ ଓ ଭାଷା ଶୁଦ୍ଧି ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ମହାବିଦ୍ୟାଳୟର ବିଭିନ୍ନ ବିଭାଗର ଅଧ୍ୟାପିକା, ଅଧ୍ୟାପକ, ଛାତ୍ରୀଛାତ୍ର ଯୋଗ ଦେଇଥିଲେ। ବିଭାଗୀୟ ମୁଖ୍ୟ ଶୁଭ୍ରକାନ୍ତ ପାଣି ଧନ୍ୟବାଦ ଦେଇଥିଲେ।

# ସବୁ ପରିସ୍ଥିତିର ସମ୍ମୁଖୀନ ହୁଅ

## ଜିଲାସ୍ତରୀୟ ଶିଶୁ ମହୋତ୍ସବ

**ଢେଙ୍କାନାଳ ଅଫିସ,୩।୧୧**

ଢେଙ୍କାନାଳ ବ୍ରଜନାଥ ବଡ଼ଜେନା ହାଇସ୍କୁଲରେ ଗୁରୁବାର ସମଗ୍ର ଶିକ୍ଷା ବିଭାଗ ପକ୍ଷରୁ ଜିଲାସ୍ତରୀୟ ଶିଶୁ ମହୋତ୍ସବ ସୁରଭି ଓ କଳା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଏମ୍‌ପି ମହେଶ ସାହୁ ଯୋଗଦେଇ ପୁସ୍ତକକୁ ବନ୍ଧୁ କରିବା ସହିତ ସବୁପ୍ରକାରର ପରିସ୍ଥିତିର ସମ୍ମୁଖୀନ ହେବା ଲାଗି ନିଜକୁ ପ୍ରସ୍ତୁତ ରଖିବାକୁ ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ବିଧାୟକ ସୁଧୀର କୁମାର ସାମଲ ଯୋଗଦେଇ ଅପସଂସ୍କୃତିଠାରୁ ଦୂରେଇ ରହି ପିତାମାତା, ଗୁରୁଜନ, ଶିକ୍ଷକଙ୍କ ଆଦର୍ଶରେ ଅନୁପ୍ରାଣିତ ହେବାକୁ ପରାମର୍ଶ ଦେଇଥିଲେ। ଅନ୍ୟତମ ସମ୍ମାନିତ ଅତିଥି ଭାବେ ଜିଲା ପରିଷଦ ସଭାନେତ୍ରୀ ଅର୍ଚ୍ଚନା ପୁହାଣ ଯୋଗଦେଇ ଏକାଗ୍ରତା ଓ ବଳିଷ୍ଠ ଉଦ୍ୟମ ଦ୍ୱାରା ଅନ୍ତର୍ନିହିତ ଗୁଣାବଳୀର ବିକାଶ କରିବାକୁ ପରାମର୍ଶ ଦେଇଥିଲେ।

ଜିଲାପାଳ ସରୋଜ କୁମାର ସେଠୀ କହିଲେ, ଶିକ୍ଷା ଓ ସାକ୍ଷରତା କ୍ଷେତ୍ରରେ ଢେଙ୍କାନାଳର ସ୍ଥାନ ରାଜ୍ୟରେ ୭ମ। ଶିକ୍ଷା କ୍ଷେତ୍ରରେ ଜିଲାକୁ ଅଗ୍ରଣୀ କରିବା ପାଇଁ ସେ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ଜିଲା ଶିକ୍ଷାଧିକାରୀ ନିବେଦିତା ପାଣିଙ୍କ ସଭାପତିତ୍ୱରେ କ୍ଲଷ୍ଟର ଏବଂ ବ୍ଲକସ୍ତରୀୟ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଜିଲାସ୍ତରରେ ପ୍ରଥମ ହୋଇଥିବା ପ୍ରତିଯୋଗୀ ରାଜ୍ୟସ୍ତରକୁ ଚୟନ ହୋଇଛନ୍ତି। ସୁଲକ୍ଷଣା ଦେବୀ ଉଚ୍ଚ ବିଦ୍ୟାଳୟର ଛାତ୍ରୀମାନେ ସ୍ୱାଗତ ସଙ୍ଗୀତ ପରିବେଷଣ କରିଥିଲେ। ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ସସ୍ମିତା ସାହୁ, ପ୍ରଧାନ ଶିକ୍ଷୟିତ୍ରୀ ବ୍ରହ୍ମୋତ୍ରୀ ବିଶ୍ୱାଳ, ଶିକ୍ଷା ବିଭାଗର କର୍ମକର୍ତ୍ତାମାନେ ଯୋଗଦେଇଥିଲେ। ଶିକ୍ଷକ ବିପିନ ବିହାରୀ ସାହୁ ପରିଚାଳନା କରିଥିଲେ।



ଏମ୍‌ପି ଜଣେ ଛାତ୍ରୀଙ୍କୁ ପୁରସ୍କୃତ କରୁଛନ୍ତି। ନିକଟରେ ବିଧାୟକ, ଜିଲାପାଳଙ୍କ ସମେତ ଅନ୍ୟମାନେ ଉପସ୍ଥିତ।

